ମନେ ଦୃଢ଼ ॥ କୌଣସି ପ୍ରକାରେ ସମ ନୋହିଲା ତରାଜୁ । ଦେଖି
ସତ୍ୟଭାମା ଯେ ପାଇଲେ ମହାଲଜ୍ଜା ॥ ପ୍ରସନ୍ନବଦନେ ଆମ୍ଭେ ଆଜ୍ଞା
ଦେଲୁଁ ତାଙ୍କୁ । ବେନି ଯେ ଭଣ୍ଡାର କାଢ଼ି ଅଣ ଏ ଠାବକୁ ॥ ଆଜ୍ଞା
ପାଇ ସତ୍ୟଭାମା ଧାଇଁକାରେ ଗଲେ । ଭଣ୍ଡାର ସହିତେ ଆଣ
ତରାଜୁରେ ଦେଲେ ॥ ଦ୍ୱାରକାଭୁବନ ଲୋକ ଚାହିଁଲା ହୋଇଲେ ।
କେବେହେଁ ତରାଜୁ ଆଉ ତୁଳ ଯେ ନୋହିଲେ ॥ ବୋଇଲେ
ଶ୍ରୀକୃଷ୍ଣଙ୍କୁ ଯେ ନେଉଛନ୍ତି ମୁନି । ସମସ୍ତେହେଁ ଚାଲ ବାବୁ ଧନମାନ
ଘେନି ॥ ସାତ୍ୟକ ଅକ୍ରୂର ଯେ ଉଦ୍ଧବ ଉଗ୍ରସେନ । ଯାଦ ବଢ଼ମାନେ
ସବୁ ନେଉଛନ୍ତି ଧନ ॥ କେବେହେଁ ତୁଲ ଅଉ ନୋହିଲାକ
ତରାଜୁ । ଦେଖିକରି ସୁନ୍ଦରୀ ପାଇଲେ ମହାଲଜ୍ଜା ॥ ଏକାକୁ ଅନେକ
ତହିଁ ମନେ ମନେ ଭାଳ । ସତ୍ୟଭାମା ମୁଖ ଚାହିଁ ଦେଉଛନ୍ତି ଗାଳି ॥
ବୋଇଲେ ମୁନିଙ୍କ ସଙ୍ଗେ ସତ୍ୟକଲୁ ଯେବେ । ଏହାଯୋଗେ
ଅନର୍ଥ ପଡ଼ିଲା ଆସି ଏବେ ॥ ବୋଇଲେ ଏ ମୁନିଙ୍କର ଉପାୟ

Digitized by srujanika@gmail.com

କରିବା । କୋପ ଜାତକଲେ ଅମ୍ଭେ ସମସ୍ତେ ମରିବା ॥ ଯେଉଁକାଳେ ଜାତ ହେବେ ଶ୍ରୀମନ୍ତରମଣୀ । ସେକାଳେ ମୁନିଙ୍କ ଯେ ଅଗମ୍ଭ ଦ୍ଧାପଣ ॥ ମଣିଭଦ୍ର ପର୍ବତରେ ପ୍ରଭୁ ପଦ୍ମନାଭ । ସପ୍ତଦଶ ପଦ୍ମ ତାହାଂ କୋହିବଟି ଲାଭ ॥ ମୋହ ନାମରହୃଗୀତା ମନେ କର ରଖ । ଦୀନକୃଷ୍ଣ ଦାସ ବୋଲେ ଭାବଣ ଶ୍ରୀମୁଖ ॥

ଇତି ଶ୍ରୀନାମରହୃଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ସତ୍ୟଭାମା ସତ୍ୟ ବିଷୟ କଥନେ ନାମ ତ୍ରିଚତ୍ୱାରିଂଶୋଽଧ୍ୟାୟଃ ।

—※—

ତ୍ରିଚତ୍ୱାରିଂଶ ଅଧ୍ୟାୟ ।

ଶ୍ରୀକୃଷ୍ଣ ଉବାଚ ।

ଅର୍ଜୁନ ଅଗରେ ଯେ କହନ୍ତି ଭଗବାନ । ଏକମନେ ଶୁଣ ଏବେ ପାଣ୍ଡୁର ନନ୍ଦନ ॥ ଶ୍ରୀକୃଷ୍ଣ ଯେ ଗଲେ ଅଟମ୍ଭ ହୋଇବା ନରେଖ ॥ ସତ୍ୟଭାମା ଯୋଗରେ ପାଇଲୁଁ ଏତେ ଦୁଃଖ ॥ ଏ ବଚନ ଶୁଣିଣ ବୋଇଲେ ମହାଋଷି । ଅନ୍ୟଅନ୍ୟ ହୋଇ କର୍ପା ଭାଳୁଅଛ ବସି ॥ ତରୁଜରେ ଭୂଲ କରି ନ ଦେଲେ ଯେ ଧନ । ଅବଶ୍ୟ ମୁଁ ଧରି ହେନଯିବ ଭଗବାନ ॥ ସମସ୍ତେ ବୋଇଲେ ଯେବେ ନେବ ତୁମ୍ଭେ ହରି । ବଳହାରେ ଅମ୍ଭେମାନେ ନେବୁଁ ଯେ ଉଦ୍ଧରି ॥ ତୁମ୍ଭେ ହେ ଏଥକୁ ଯେବେ କରିବନ୍ତ ବଳ । ତଣ୍ଡି କାଟି ମରିବୁଁ ଯେ ଯୁବତୀ ସକଳ ॥ ସତ୍ୟଭାମା ବୋଇଲେ ଯେ ମୁହିଁ ମୂର୍ଖ ସ୍ତ୍ରୀହିଁ । ଦଣ୍ଡେ ମାତ୍ର ଏକା ତୁମ୍ଭେ ଥାଅ ତୁନି ହୋଇ ॥ ତୁମ୍ଭଙ୍କୁ ବୋଧିଣ ଯେବେ ନ ପାରିବୁଁ ମୁନି । ତେତେବେଳେ ଦିବ ପଛେ ଶ୍ରୀକୃଷ୍ଣଙ୍କୁ ହେନି ॥ ପ୍ରବୋଧ ବଚନ କହି ଶ୍ରୀକୃଷ୍ଣଙ୍କ ଅଗେ । ରୁକ୍ମିଣୀପୁରକୁ ସତ୍ୟଭାମା ଚଳିଲେ ବେଗେ ॥ ପଥାର ଉପରେ ନେଇ ବେନିକର ଯୋଡ଼ି । ସ୍ତୁତି କରି ଶୋଇଲେ ଯେ ବେନିପାଦେ ପଡ଼ି ॥ ବୋଇଲେ ହେ ଠାକୁରାଣୀ ତୁମ୍ଭେ ଅହଂ ପାଠ । ମୋତେ ଅଛି ଘଡ଼ିଲା ଯେ ଦୁଃଖ

Digitized by srujanika@gmail.com

ଶଙ୍କଟ ॥ ନନ୍ଦ ପ୍ରଭୁ ଆମ୍ଭର ଯେ ଅଟନ୍ତି ଶ୍ରୀହରି । ବରୁଣ ତମନ୍ତେ ମୁକ୍ତି ନେଇଅଛନ୍ତି ଧରି ॥ ଦ୍ୱାରକାନଗରୁ ସବୁ ବନ୍ଧ କେଲେ ଧନ । ଦେବହସ୍ତ ଅଧ ଭର ଯେତେ ଥିଲା ସ୍ୱର୍ଣ୍ଣ ॥ ଭଣ୍ଡାର ସହିତେ ନେଇ ତଗଳରେ ଭର । ଠାକୁରଙ୍କ ସଙ୍ଗତେ ନୋହିଲେ କେହି ସର ॥ ଦ୍ୱାରକା ଭୁବନରୁ ସରିଲା ସବୁ ସୁଖ । ଧନ ଦ୍ରବ୍ୟ ଦେଇଣ ପାଇଲୁଁ ନାନାଦୁଃଖ ॥ କେବଳ ମାଧବ କଥା ତୁମ୍ଭଠାରେ ଅଛି । ରୁକ୍ମିଣୀ ବୋଇଲେ ତୁମ୍ଭେ ନ ଜାଣ ଗୋ କିଛି ॥ ଜଗତର ପୁରୁଷ ଯେ ବ୍ରହ୍ମାଣ୍ଡଠାକୁର । ତାଙ୍କ ତୁଳେ ଧନକୁ କପାଇଁ ଲକ୍ଷ୍ୟ କର ॥ ସେହି ତାଙ୍କୁ ଏକା ଲକ୍ଷ୍ୟ ଆଉ ଲକ୍ଷ୍ୟ ନାହିଁ । ଯେତେ ଧନ ଦେଲେ ତାଙ୍କ ତୁଲେ ଲକ୍ଷ୍ୟ କାହିଁ ॥ ରୁକ୍ମିଣୀ ବଚନ ଶୁଣି ସତ୍ୟଭାମା ଭାଳି । ଶୋକଭରେ କାନ୍ଦିଲେ ସେ ଶଙ୍କାକୁଳବାଳୀ ॥ ରୁକ୍ମିଣୀ ବୋଇଲେ ତୁମ୍ଭେ ନ କର ଗୋ କୋପ । ତୁଳସୀର ସେବା ସରୁ ଦଣ୍ଡମାତ୍ର ଉଦ୍ଧ ॥ ଏତେ ବୋଲି ରୁକ୍ମିଣୀ ତୁଳସୀ ସେବା କଲେ । ପ୍ରଦକ୍ଷିଣ କରି ପତ୍ର ଗୋଟିଏ ତୋଳିଲେ ॥ ଯେଣୁ ସେ ଅଟନ୍ତି ଗୁରୁ ନିତ୍ୟର ପୁନଶ୍ଚ । ସେ ସ୍ୱଧାମୋଦନ ରୂପ ସେହୁ ବଶ କର ॥ ମାଣିକ ରୂପରେ ଯେ ହୋଇବ ସେହି ନନ୍ଦ । ନେଣୁ ବଶ କରିବ ଯେ ପୁରୁଷଉତ୍ତମ ॥ ମୋର ନାମରତ୍ନଗୀତା ଅଟେ ମଧୁରସ । ଦୀନକୃଷ୍ଣ ଦାସ କରେ ଭାବରେ ପ୍ରକାଶ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ସତ୍ୟଭାମା ଓ ରୁକ୍ମିଣୀ କଥନ ବର୍ଣ୍ଣନେ ନାମ ତ୍ରିଚତ୍ୱାରିଂଶୋଽଧ୍ୟାୟଃ ।

—o—

## ଚତୁଃଚତ୍ୱାରିଂଶ ଅଧ୍ୟାୟ ।

### ଶ୍ରୀ ଭଗବାନୁବାଚ ।

ଅର୍ଜ୍ଜୁନ ଆଗରେ ଯେ କହନ୍ତି ଭଗବାନ । ଏକମନେ ଶୁଣ ତୁ ହେବା ଯୁଧିଷ୍ଠିରସ୍ଥାନ ॥ ସୁବର୍ଣ୍ଣପାତ୍ରରେ ଭରି ଦେଇଗଲେ ଖଡ୍ଗ ।

Digitized by srujanika@gmail.com

ପ୍ରବେଶ ହୋଇଲେ ଯାଇଁ ମୁନଙ୍କ ଛାମୁରେ । ହସ ହସ ହୋଇଣ ବୋଇଲେ ପାଟରାଣୀ । ସନ୍ଦେହେଁ ତ ମୁନି ତୁମ୍ଭେ ନେବ ଚକ୍ରପାଣି । ଅଧିକ ତୁମ୍ଭଙ୍କୁ ଆଉ ତ କହିବ କଥା । କାହିଁପାଇଁ ବଳେ ଧରି ନେବ ଅମ୍ଭ ଭର୍ତ୍ତା । ରୁକ୍ମିଣୀ କହନ୍ତେ ଯେ ନାରଦ କଲେ ରୋଷ । ବୋଇଲେ ତ ଦେଇ ମୋତେ କରୁଅଛି ତୋଷ । ପ୍ରଭୁପାଇଁ ଟାଣି ହୋଇ କହିଲୁ ଯେ କଥା । ପାରିଲେ ତୁ ଧନ ଦେଇ ନିଅ ତୁମ୍ଭ ଭର୍ତ୍ତା । ଯେତେ ଦ୍ରବ୍ୟ ଅଛି ଅଛୁ ତରାଜରେ ଭର । ଜଗନ୍ନାଥ ତୁଲେ ସବୁ ସରସମ କର । ରୁକ୍ମିଣୀ ବୋଇଲେ ଧନ ଆଣିଅଛୁ ମୁହିଁ । ଭଣ୍ଡାରରୁ ସବୁ ଧନ ପକାଅ କଢ଼ାଇ ॥ ଶୁଣିକରି ନାରଦ ଉଠିଲେ କୋପଭରେ । ତରାଜରୁ ଧନ କାଢ଼ି ପକାଇଲେ ତଳେ ॥ ରୁକ୍ମିଣୀଙ୍କ ବୋଇଲେ ଗୋ ଆଣିଅଛୁ ଯାହା । କୃପଣ ପ୍ରକାରେ ଝାମ୍ପି ରଖିଅଛୁ ତାହା ॥ କି କି ଦ୍ରବ୍ୟ ଆଣିଅଛୁ ତରାଜରେ ଦିଅ । ତୁଲ ଯେବେ ହୋଇବ ତୋ ଜଗନ୍ନାଥ ନିଅ ॥ ଶୁଣିକରି ରୁକ୍ମିଣୀ ସନ୍ତୋଷ ମନ ହେଲେ । ତୁଳସୀର ଦଳ ନେଇ ତରାଜରେ ଦେଲେ । ହୋଇଲା ହୋଇଲା ବୋଲି ଶୁଭିଲାକ ଗୋଳ । ଦ୍ୱାରକାଭୁବନ ହେଉ ଷବନ୍ନ ଚହଲ ॥ ଶୁଣିକରି ଅନନ୍ଦ ହୋଇଲେ ହୃଷ୍ଟମନ । ନାରଦ ଯେ ରୁକ୍ମିଣୀଙ୍କ କଲେ ଧନ୍ୟ ଧନ୍ୟ । ବୋଇଲେ ହେ ରୁକ୍ମିଣୀ ତୋ ମହିମା ଦୁର୍ଲ୍ଲଭ । ଏ ପୁଷ୍ପ ସଙ୍ଗତେ ସର କଲୁ ପଦ୍ମନାଭ ॥ ତୁଳସୀ ତଉଲ ତଳେ ଏଡ଼େ ବଡ଼ ଭାବ । ତରାଜରେ ତୁଲ କଲୁ ପ୍ରଭୁ ବାସୁଦେବ ॥ ହସ୍ତୁର ଯେଜଣ ଯେ ବୋଇଲେ ବ୍ରହ୍ମଋଷି । ବ୍ରହ୍ମାଣ୍ଡରେ ଏ ବୃକ୍ଷକୁ ନୋହେ କେହି ସରି । ଜଗନ୍ନାଥ ସମାନରେ ଏ ହୋଇଲେ ସମ । ତେଣୁ କରି ଏହାର ତୁଳସୀ ବୋଲି ନାମ ॥ ଠାକୁରଙ୍କ ସଙ୍ଗତରେ ସର ହେଲେ ଯେଣୁ । ତୁଳସୀ ବୋଲିଣ ଅଉ ନ ବୋଲିବେ କେହୁ ॥ ତୁଳରେ ହୋଇଲା ସମ ନାମ ତାର ତୁଳ । ତୁଳସୀ ବୋଲିଣ ଜାଣିଥିବ ଜନେ ବୋଲ । ତୁଳସୀ

Digitized by srujanika@gmail.com

ବୋଲଣ ନାମ ଦେଲେ ସବ୍ୟଜନେ । ପ୍ରମାଣ ହୋଇଲା ଯେ ନାରଦମୁନି ମନେ ॥ ସେ ତୁଳସୀଦଳ ଘେନି ଗଲେ ବ୍ରହ୍ମର୍ଷି । ଅମରଭୁବନେ ଯାଇଁ ହୋଇଲେ ପ୍ରବେଶ ॥ ଯେବଣ ତୁଳସୀଦଳ ନେଇଥିଲେ ଋଷି । ତିଳ ପ୍ରମାଣରେ ଦେଇ ଦେବତାଙ୍କୁ ତୋଷି ॥ ଋଷିଗଣମାନଙ୍କୁ ଥୋକାଏ ତହିଁ ଦେଲେ । ସ୍ୱର୍ଗପୁର ଲୋକେ ସବୁ ଜୟ ଜୟ କଲେ ॥ ଦ୍ୱାରକାଭୁବନ ସୁଖ କେତେହେଁ କହିବା । ସମସ୍ତେହେଁ ରୁକ୍ମିଣୀଙ୍କି ଚଳେ ଯାଇଁ ସେବା ॥ ବୋଇଲେ ଯେ ଅମ୍ଭେ ଅଜ୍ଞେ କରନ୍ତୁଁ ତୁମ୍ଭଙ୍କ । ତୁଳସୀର ସେବା ତୁମ୍ଭେ ଶିଖାଅ ଅମ୍ଭଙ୍କୁ ॥ ରୁକ୍ମିଣୀ ବୋଇଲେ ତୁମ୍ଭେ ନ କରୁଅ କିଛି । ତୁଳସୀକି ସେବାକଲେ ସବୁ ଧର୍ମ ଅଛି ॥ ଯାହା ଦ୍ୱାରେ ତୁଳସୀତରୁ ଥିବ ମଣି । ଯମରାଜା ତାହାକୁ ଯେ ନ ପାରଇ ଦଣ୍ଡି ॥ ସ୍ତ୍ରୀଏ ଯେ ପୁରୁଷ ଯେତେ ଦ୍ୱାରକାରେ ଥିଲେ । ରୁକ୍ମିଣୀର ବଚନେ ତୁଳସୀ ପୂଜା କଲେ । ଏହା ତୁଲେ କାହାକୁ କହିବା ଅଛି ସମ । ହେଳୁ କର ପାଉଁଳେ ତୁଳସୀ ସଙ୍ଗେ ଶ୍ୟାମ ॥ ଅର୍ଜୁନକୁ ଶୁହିଁଣ ବୋଲନ୍ତି ଜଗନ୍ନାଥ । ତୁଳସୀର ଅଦ୍ଭୁଜନ୍ମ ପୁଛିଲୁ ଯେ ପାର୍ଥ । ତେଣୁ କହୁ ବିସ୍ତାରି କହନ୍ତୁଁ ସବୁକଥା । କୃଷ୍ଣଦାସ ଭଣେ ମୋହ ନାମରତ୍ନଗୀତା ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ରୁକ୍ମିଣୀ ଶ୍ରୀକୃଷ୍ଣ ଉଚ୍ଚାରଣେ ନାମ ଚତୁର୍ବିଂଶୋଽଧ୍ୟାୟଃ ।

—:o:—

## ପଞ୍ଚବିଂଶ ଅଧ୍ୟାୟ ।

### ଅର୍ଜୁନ ଉବାଚ ।

ଅର୍ଜୁନ ବୋଇଲେ ତୁମ୍ଭେ ଶୁଣ ଭବଗ୍ରାହୀ । ସଂସାରସାଗରୁ ପ୍ରଭୁ କଲ ମୋତେ ତ୍ରାହି ॥ ମୁହିଁ ତୋର ଦାସ ଅଜ୍ଞେ କରୁଅଛୁ ତୋତେ । କଥାଏ ପଚାରୁଅଛୁ ଆଜ୍ଞା ହେଉ ମୋତେ ॥ ସାତଗୋଟି ଦ୍ୱୀପ ଯେ ସପତସାଗର ମଧ୍ୟ । ତହିଁର ବ୍ୟବସ୍ଥା ପ୍ରଭୁ ମୋତେ ଦେବ କହି ॥

Digitized by srujanika@gmail.com

ବନପୁଷ୍ପବରେ ମୁଁ ପଚାରୁଅଛୁ ଯାହା । ପ୍ରସନ୍ନ ହୋଇଣ ପ୍ରଭୁ କହି-ଦେବା ତାହା ॥ ବ୍ରହ୍ମପ୍ରଳୟ ଗୋଟା ଶୁଣିଲି କର୍ଣ୍ଣ ଯୋଡ଼ । ନିରାକାର ରହିଅଇଲେ କେବଣ ମେଦନୀ ॥ ବ୍ରହ୍ମା ରହିଅଇଲେ ସେ ଯେବଣ ମେରୁ ଗିରି । ଷୋଳସହସ୍ର ଯୋଜନ ତଳକୁ ପୋତାକରି ॥ ଚଉରାଶୀ ସହସ୍ର ଯୋଜନ ତାର ଉଚ୍ଚ । ଲକ୍ଷେକ ଯୋଜନ ସ୍ଥୂଳ ମୋଟ ଦୀର୍ଘ ସଞ୍ଚ ॥ ଏହୁ ଶାସ୍ତ୍ର ଗୋଟାଏ କହିଲ ପ୍ରଭୁ ମୋତେ । ଆଦ୍ୟ ପୁରାଣର କଥା ପଚାରୁଅଛି ତୋତେ ॥ ନିରାକାର ସମ୍ପଲେ ଯେବଣ ବସୁନ୍ଧରା । ସେ ମେରୁ କେମନ୍ତେ ଧୃଙ୍କେ କହ ତଥ୍ୟ କରି ॥ କେତେ ହୋଇଲା ମୋଟ ତଳକୁ ଗଲା କେତେ । ଉପରକୁ ଉଚ୍ଚ ସେ ପୁଣ ହୋଇଲା ଯେତେ ॥ କେମନ୍ତ ପ୍ରକାରେ ପ୍ରଭୁ ରଚିଅଇଲେ ମହୀ । ସେ କଥା ଗୋଟାକ ଭାବେ ଦେବ ମୋତେ କହି ॥ ଶ୍ରୀଧର ବୋଇଲେ ତୋତେ କହିବା ଅର୍ଜୁନ । ତୁହି ଯେ ପଚାରୁ ଏଡ଼େ କଥା ସନ୍ଧାନ ॥ ପାର୍ବତୀ ଆଗରେ ଏହା ବଖାଣିଲେ ଶିବ । ସେ କଥା ଶୁଣିଲେ ଘୋର ପାପ କ୍ଷୟ ଯିବ ॥ ଯେଉଁକାଳେ ପୃଥିବୀ ନ ଥିଲା ଶୁଣ ପାର୍ଥ । ନିରାକାର ସମ୍ପଲେ ବ୍ରହ୍ମାଣ୍ଡ ଖଣ୍ଡ ସାଧ ॥ ଆପଣା ଦେହରୁ ମଳ ଚକ ଏକ କରି । ଜଳରେ ମେଲିଲେ ତାହା ନିରାକାର ହରି ॥ ସେ ମଳଚକକୁ ଜଳେ ମେଲିଦେଲେ ଯେଣୁ । ତରଙ୍ଗ ଲହରୀ ବାଜି ଭିଡ଼ିଗଲା ତେଣୁ ॥ ଦେଖି ନିରାକାର ଯେ ହୃଦରେ କଲେ ତମ । ଶ୍ରୀ-ଅଙ୍ଗରୁ ଉପାଡ଼ିଲେ ଗୋଟିଏକ ଲୋମ ॥ ମେରୁ କରି ତାହା ଯେ ସ୍ଥାପିଲେ ବ୍ରହ୍ମତେଜୀ । ତିନିଲକ୍ଷ ଯୋଜନ ହୋଇଲା ତହିଁ ପୋତା ॥ ଚାରିଲକ୍ଷ ଯୋଜନ ହୋଇଲା ତାର ମୋଟ । ସ୍ଥିତି ପାଞ୍ଚଲକ୍ଷ ଯୋଜନ ଯେ ଅଟେ ଶ୍ରେଷ୍ଠ । ଦଶଲକ୍ଷ ଯୋଜନ ଉତ୍ସର୍ଗ ତାକୁ କଲେ । ସେ ମେରୁ ଉପରେ ଦେବସଭା ରଚିଅଇଲେ ॥ କଳାଲୋମ ଗୋଟିଏ ଯେ ଉପାଡ଼ିଲେ ପୁଣ । ଚାରିଲକ୍ଷ ଯୋଜନ ଯେ ପୋତିଲେ ଆପଣ ॥ ପଞ୍ଚ-ଲକ୍ଷ ଯୋଜନ ଯେ ହୋଇଲା ତା ସ୍ଥୂଳ । ଷଡ଼ଲକ୍ଷ ଯୋଜନ

Digitized by srujanika@gmail.com

ହୋଇଲ ମେଟ ଚର୍ଣ୍ଣ ॥ ଅଠଲକ୍ଷ ଯୋଜନ ହୋଇଲା ତାର ଶିଖା ।
ମହାଗିରି ବୋଲନ୍ତିର ନାମ ଦେଲେ ଏକା ॥ ଦ୍ୱିତୀୟ ଲୋମକୁ ଯେ
ଟୋଳିଲେ ମହାବଳୀ । ଷଡ଼ଲକ୍ଷ ଯୋଜନ ତଳକୁ ଗଲା ଗଳି ॥
ସାତଲକ୍ଷ ଯୋଜନ ହୋଇଲା ସେହୁ ମୋଟ । ସ୍ଥୂଳ ତାର ହୋଇଲା
ଯୋଜନ ଲକ୍ଷ ଅଠ ॥ ନବଲକ୍ଷ ଯୋଜନ ଅଟଇ ଉଚ୍ଚ ଯେଣୁ ।
ମନ୍ଦର ବୋଲିଣ ତାର ନାମ ଦେଲେ ତେଣୁ ॥ ମନ୍ଦର ବାୟବ୍ୟ
କୋଣେ ଥଲା ମହାଶ୍ରେଷ୍ଠ । ଅଗ୍ନିକୋଣେ ପୋତିଲେ ଯେ
ହେଲା ଗିରିଶ୍ରେଷ୍ଠ ॥ ପୁଣି ହିଁ ପୋତିଲେ ନେଇ ଏକ ଲୋମ ଗୋଟି ।
ସାତଲକ୍ଷ ଯୋଜନ ତଳକୁ ଗଲା ଫୁଟି ॥ ଅଷ୍ଟଲକ୍ଷ ଯୋଜନ
ହୋଇଲା ସେହୁ ମୋଟ । ନବଲକ୍ଷ ଯୋଜନ ଯାଇ ଲାଗିଲା ହେଟ ॥
ପାଞ୍ଚଲକ୍ଷ ଯୋଜନ ହୋଇଲା ତାର ସ୍ଥୂଳ । ଉଦୟଗିରି ବୋଲି ନାମ
ଦେଲେ ମହାବଳୀ ॥ ମେରୁ ଦକ୍ଷିଣଭାଗରେ ଯେ କଲା ଦ୍ରବ୍ୟ ସାର ।
ଯତନ କରି ତାହା ପୋତିଲେ ନିରାକାର ॥ ଉଦୟଗିରି ପଶ୍ଚିମରେ
ଅଟେ ଯେଉଁ ଗିରି । ପରମ ନିତ୍ୟ ଭୁବନ ଅଟେ ସେହୁ ପୁରୀ ॥ ସେ
ସ୍ଥାନରେ ବିଜେ ପ୍ରଭୁ ଶ୍ରୀଶ୍ୟାମସୁନ୍ଦର । ଯେଣୁ ସେ ଅଟନ୍ତି ଜାଣ
ପଦ୍ମାକ୍ଷର ବର ॥ ମୋହ ନାମରତ୍ନଗୀତା ରସ ଅଟେ ଏହୁ । ଘନକୃଷ୍ଣ
ଦାସ ଏହି ଭାବରେ ଭଣଇ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ନିରାକାର
ମେରୁ ସଞ୍ଚରଣ କଥନେ ନାମ ପଞ୍ଚତ୍ରିଂଶୋଽଧ୍ୟାୟଃ ।

—※○※—

## ଷଡ଼୍‌ତ୍ରିଂଶ ଅଧ୍ୟାୟ ।

### ଶ୍ରୀ ଭଗବାନୁବାଚ ।

ଅର୍ଜୁନ ଅଗରେ ଯେ କହନ୍ତି ନନ୍ଦବାଳ । ଏକମନେ ଶୁଣ ତୁ ହୋ
କୁନ୍ତୀରହୁଲଣ ॥ ଚତୁର୍ଥେ ଲୋମେକ ଉପାଡ଼ିଲେ ବ୍ରହ୍ମବେତ୍ତା ।
ଷଡ଼ଲକ୍ଷ ଯୋଜନ ଭୂମିରେ ଗଲା ପୋତା ॥ ଅଷ୍ଟଲକ୍ଷ ଯୋଜନ

Digitized by srujanika@gmail.com

ହୋଇଲା ମୋଟ ଏକ । ନବଲକ୍ଷ ଯୋଜନେ ଲାଗିଲା ତାର ଶିଖା । ସେ ଚତୁର୍ଥ ଲୋମ ଜାଣ କ୍ରୁଅନ୍ତେ ଜନତ । ଲୋକାଲୋକ ପର୍ବତ ତାହାଙ୍କୁ ବୋଲି ପାର୍ଥ ॥ ମେରୁ ନୈର୍ଋତ କୋଣରେ କଳା ଦ୍ରବ୍ୟ ସାର । ପଦ୍ମକରେ ଧରଣ ପୋଢଲେ ନରାକାର । ପଞ୍ଚମରେ ଲୋମେକ ଉପାଡି ଜଗଜ୍ଜେତା । ସାତଲକ୍ଷ ଯୋଜନେ ତଳକୁ କଲେ ପୋତା । ଅଠଲକ୍ଷ ଯୋଜନ ରହିଲା ସ୍ଥୂଳ ମାତ୍ର । ନବଲକ୍ଷ ଯୋଜନ ଉପରକୁ ଶିଖା ବଢ଼ି । ମେରୁର ଦକ୍ଷିଣ ପାଶେ ପୋଢଲେକ ପୋଣ । ନୀଳାଚଳ ବୋଲିଣ ଯେ ନାମ ଦେଲେ ତେଣୁ ॥ ମଞ୍ଜୁବନକୁ ସେ ଅନୁର୍ବ ଗିରିବର । ପଦ୍ମକରେ ଧରଣ ପୋଢଲେ ଚକ୍ରଧର । ଷଷ୍ଠରେ ଲୋମେକ ପ୍ରଭୁ ଉପାଡ଼ିଲେ ଭଲ । ପଞ୍ଚଲକ୍ଷ ଯୋଜନ ତଳକୁ ପୋତାଗଲା । ଚାରିଲକ୍ଷ ଯୋଜନ ହୋଇଲା ତାର ମୋଟ । ନବଲକ୍ଷ ଯୋଜନ ହୋଇଲା ତାର ହେଠ ॥ ମେରୁର ପଶ୍ଚିମେ ସେହି କଳା ଦ୍ରବ୍ୟସାର । ଅସ୍ତଗିରି ବୋଲି ନାମ ଦେଲେ ନିରାକାର ॥ ସପ୍ତମେ ଲୋମେକ ଯେ ଉପାଡିଲେ ପୁଣି । ସାତଲକ୍ଷ ଯୋଜନ ସେ ପୋଢଲେ ଧରଣୀ ॥ ଅଠଲକ୍ଷ ଯୋଜନ ହୋଇଲା ମୋଟ ଏକା । ନବଲକ୍ଷ ଯୋଜନେ ଲାଗିଲା ଯାଇ ଶିଖା ॥ ମେରୁର ଉତ୍ତରଭାଗେ କଳାଏ ପୋଢଲେ । ହିମବନ୍ତ ବୋଲିଣ ତାହାର ନାମ ଦେଲେ ॥ ଅବର ଲୋମେକ ପୁଣି ଉପାଡ଼ିଲେ ବେଗ । ସେ କଳା ପୋତିଲେ ଯେ ଐଶାନ୍ୟ କୋଣଭାଗେ ॥ ମେରୁ ଐଶାନ୍ୟକୋଣେ ଯେ କଳା ମନ୍ଦାଚଳୀ । ସାତଲକ୍ଷ ପୋତା ସେ ଯେ ଅଠଲକ୍ଷସ୍ଥୂଳ ॥ ଅଷ୍ଟକଳା ଏମନ୍ତେ ପୋତିଲେ ଭଗବାନ । ନିଶ୍ଚଳ ହୋଇଲା ପୃଥ୍ୱୀ ଶୁଣ ତୁ ଅର୍ଜୁନ ॥ ଯେଉଁ ଭାବେ କଲେ ପୃଥ୍ୱୀ ପ୍ରଭୁ ଜଗନ୍ନାଥ । ଗୀତାରେ ଭଣିଲେ ତାହା ଦୀନକୃଷ୍ଣ ଦାସ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ପୃଥ୍ୱୀ ସଞ୍ଚରଣ କଥନେ ନାମ ଷଡ଼୍‌ଚତ୍ୱାରିଂଶୋଽଧ୍ୟାୟଃ ।

—୦:୫:୦—

## ସପ୍ତଚତ୍ୱାରିଂଶ ଅଧ୍ୟାୟ ।

### ଶ୍ରୀ ଭଗବାନୁବାଚ ।

ଅର୍ଜ୍ଜୁନ ଆଗରେ ଯେ କହନ୍ତି ଭଗବାନ । ଏକମନେ ଶୁଣ ତୁ ହୋ ପାଣ୍ଡୁର ନନ୍ଦନ ॥ ଏକୋଇଶ ବ୍ରହ୍ମାଣ୍ଡ ପାତାଳପୁର କହିଲି । ଗୁହ୍ୟବେଦ ଜାତ ବସ୍ତୁ ଧନରେ ରହିଲେ । ଅନନ୍ତକୋଟି କଳନା ଧନ କଲେ ଯହିଁ । ସେ ପୁରୁଷ ଅଙ୍ଗୁ ଝାଳ ଉପୁଜିଲା ତହିଁ ॥ ଅନନ୍ତ ମୂରତି ଜାଣ ଶ୍ରୀମନ୍ତ ନାରାୟଣ । ସେ ମଧ୍ୟେ ବସିଣ ଉଦେ ହେଲେ ଭଗବାନ । ଶ୍ରୀମତୀଙ୍କି ବୋଲନ୍ତି ଯେ ଶ୍ରୀଶ୍ୟାମସୁନ୍ଦର । ପରମନନ୍ଦ୍ୟଙ୍କୁ ଭକ୍ତେ କର ନାଗବର ॥ ବାମକରେ ଝାଳ ପୋଛୁ ପଦ୍ମାନ୍ତେଣ ସିଦ୍ଧ । ତହିଁ ଜାତ ହୋଇଲା ସେ ଏକଇ ସୁନ୍ଦରୀ ॥ ନୂତନ ସ୍ତ୍ରୀସ ତନୁ ନୂତେ ପୁରୁଷ ଯେଣୁ । ଆଦ୍ୟ ଯେ ଅପର୍ଣ୍ଣା ବୋଲି ନାମ ହେଲେ ତେଣୁ ॥ ସେ ମହାସୁନ୍ଦରୀ ହରଚନ୍ଦ୍ର ଠାଣିମଣି । ପ୍ରଭୁଙ୍କର ଆପଣ ଚଳିଲ ଦେଖି ଶୁଣି ॥ ରୂପ ଯଉବନ ଦେଖି ନ ପାରିଲେ ସହି । ଶ୍ରୀଅଙ୍ଗରୁ ଝାଳ ଝାସି ପଡିଲାକ ମହୀ । ଧାଉଁବାରେ ହସ୍ତେ ତା ଧଇଲେ ନବୀକାର । ନଖ ଦେନ କାନ୍ଦୁ ଚିହ୍ନ ଚିରିଦେଲେ ତାର । ଭଗନାମେ ହୋଇବ ଯେ ଉପୁଜିଲା ତହିଁ । ଛନ୍ଦଭାଗ କରି ବୀଜ ଛାଡିଦେଲେ ନେଇ ॥ ସେ ବୀଜ ପଡିଲା ଯହିଁ ତାର ଦିବ୍ୟ ଯୋନି । ବ୍ରହ୍ମା ବିଷ୍ଣୁ ମହେଶ୍ୱର ଉପୁଜିଲେ ତିନି ॥ ବ୍ରହ୍ମାଙ୍କୁ ବୋଇଲେ ତୁମ୍ଭେ ତୁ ଜଗତକର୍ତ୍ତା । ବିଷ୍ଣୁଙ୍କୁ କହିଲେ ସୃଷ୍ଟି ପାଳିବାର ଭର୍ତ୍ତା । ଈଶ୍ୱର ବୋଲିଣ ଯେଉଁ ପୁତ୍ର ଗୋଟି ନାମ । ତାହାକୁ ବୋଇଲେ ତୁ ସୃଷ୍ଟିର ବ୍ରହ୍ମଜ୍ଞାନ ॥ ଏମନ୍ତ ପ୍ରକାରେ ଆମ୍ଭେ ଜାତ ହେଲ ସର୍ବ । ଏବେ ଯାହା ପଚାରିବୁ ହେବା ହୋ ତ କହୁ ॥ ଅର୍ଜ୍ଜୁନ ବୋଇଲେ ଯାହା ଶ୍ରୀମୁଖେ କହିଲ । ଏକୋଇଶ ବ୍ରହ୍ମାଣ୍ଡ ପାତାଳେ ସ୍ଥିତ କଲ ॥ ଏ କଥା ହୃଦୟ ମୋତେ କହ ଚକ୍ରପାଣି । କେଉଁମାନେ କେଉଁ ପୁରେ କରନ୍ତି ଭ୍ରମଣି ॥ ଶ୍ରୀହରି ବୋଇଲେ ଯାହା ପୁଚ୍ଛିଲୁ ଅର୍ଜ୍ଜୁନ । ଜମ୍ବୁଦ୍ୱୀପ

Digitized by srujanika@gmail.com

ପୃଥିବୀ ଯେ ଲକ୍ଷେକ ଯୋଜନ ॥ ବେଢ଼ ଲକ୍ଷ ଯୋଜନ ବେଢ଼ିଛି କ୍ଷାରପାଣି । ଭଦ୍ରନାମେ ଅଦଭ୍ୟ ସେ ଦ୍ୱୀପକୁ ଜାଣେଣୀ ॥ ନିଶାକର ନାମେଣ ଚନ୍ଦ୍ରମା ଏଥି ରହି । ଏ ଦ୍ୱୀପକୁ ଧରିଛନ୍ତି ବାସୁକି ନାମେ ଅହି ॥ ବସୁ ନାମେ ଦ୍ୱୀପେକ ତହିଁର ତଳେ ଅଛି । ଶତଲକ୍ଷ ଯୋଜନ ସେ ଶୁଣ ସବ୍ୟସାଚି ॥ ପଞ୍ଚଲକ୍ଷ ଯୋଜନ ସେ କ୍ଷାରସିନ୍ଧୁ ଲଗ । ତାହା ଧରିଅଛନ୍ତି ଅନନ୍ତ ନାମେ ନାଗ ॥ ସାବଧାନେ ଶୁଣ ତୁମ୍ଭେ ପାଣ୍ଡୁର କୁମର । ବୁଝାଇ କହିବା ତୋତେ ଏକୋଇଶ ପୁର ॥ ଏମନ୍ତ ମହିମା ପୁଣ ଶ୍ରୀନନ୍ଦନନ୍ଦନ । ସପ୍ତଦଶ ଅଙ୍କ ଉଦେ ହୋଇବ ଯେ ପୁଣ ॥ ଶ୍ରୀମନ୍ତ ବହ୍ନାନେ ଯେଣୁ ପ୍ରଭୁ ବଂଶୀଧର । ଅନନ୍ତ ରୂପ ଅଟେ ସେ ପ୍ରଭୁ କଳେବର ॥ ବୃନ୍ଦାବନଚନ୍ଦ୍ର ନାମ ତାହାର ପ୍ରକାଶ । ତାର ଶିରେ ନମଗ୍ନ କରବେ ପୀତବାସ ॥ ମୋହ ନାମଚନ୍ଦ୍ରଗୀତା ଅଟଇ ନିପୁଣ । ଦୀନକୃଷ୍ଣ ଦାସ ଏହା କହୁଥାଇ ଜାଣ ॥

ଇତି ଶ୍ରୀନାମଚନ୍ଦ୍ରଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ବ୍ରହ୍ମା ବିଷ୍ଣୁ ମହେଶ୍ୱର ଜନ୍ମ କଥନେ ସପ୍ତତ୍ରିଂଶୋଧ୍ୟାୟଃ ।

—୦ଃ✲ଃ୦—

## ଅଷ୍ଟତ୍ରିଂଶ ଅଧ୍ୟାୟ ।

### ଶ୍ରୀକୃଷ୍ଣ ଉବାଚ ।

ଅର୍ଜୁନ ଆଗରେ ଯେ କହନ୍ତି ଭାବଗ୍ରାହୀ । ଏକମନେ ଶୁଣ ତୁ ହେ ଯୁଧିଷ୍ଠିରଙ୍କର ॥ ଷଡ଼ଲକ୍ଷ ଯୋଜନ ଲବଣସିନ୍ଧୁ ତହିଁ । ସେ ଦ୍ୱୀପକୁ ବେଢ଼ିଛି ମଣ୍ଡଳାକାର ହୋଇ ॥ ଅନନ୍ତ କୁରୁମ ତାହା ଧରିଅଛି ଘୋର । ତହିଁ ତଳେ ଅଛଇ ଯେ ମହୀ ନାମେ ପୁର ॥ ଷଡ଼-ଲକ୍ଷ ଯୋଜନ ସେ ପୁର ଯଥାବଧି । ସାତଲକ୍ଷ ଯୋଜନ ସମୁଦ୍ର ମହୋଦଧି ॥ କଳା ନାମେ ବାସୁକୀ ଯେ ଧରିଅଛି ତାହା । ତହିଁ ତଳେ ପୁରେକ ଅଛଇ ପାର୍ଥ ଯାହା ॥ ତହିଁର ଚରିତ ପାର୍ଥ ଫେଡ଼ି ହେବା କହି । ସାତଲକ୍ଷ ଯୋଜନ ସେ ଦିବ୍ୟପୃଥ୍ୱୀ ମହୀ ॥ ଅନନ୍ତ

Digitized by srujanika@gmail.com

ମୃଗଭଳ ସେ ଧରିଛନ୍ତି ତାହା । ଶୁଣ ତୁ ଅର୍ଜୁନ ମୋତେ ପୁଚ୍ଛା କଲୁ
ଯାହା ॥ ଆଉ କାମେ ଦ୍ୱୀପେକ ତହିଁର ତଳେ ଅଛୁ । ଅଠଲକ୍ଷ
ଯୋଜନ ସେ ଶୁଣ ପଣ୍ଡୁବଂଶ ॥ ତଥି ନାମେ ସ୍ୱାଦ୍ ବୋଲନ୍ତି ପାର୍ଥ
ଯାକୁ । ନବଲକ୍ଷ ଯୋଜନ ସେ ବେଢ଼ିଅଛି ତାକୁ ॥ ମେଦ ନାମେ
ସର୍ପେକ ତା ଧରିଅଛି ବୀର । ତହିଁ ତଳେ ଅଛଇ କଞ୍ଚନ ନାମେ
ପୁର ॥ ନବଲକ୍ଷ ଯୋଜନ ସେ ଅଟଇ ଧରଣୀ । ଦଶଲକ୍ଷ ଯୋଜନ
ସମୁଦ୍ର ଇକ୍ଷୁପାଣି ॥ ତାହା ଧରିଅଛି ହଳଧର ସଙ୍କର୍ଷଣ । ତହିଁ ତଳେ
ଶ୍ୱେତେକ ନାମେ ପୁରର ଭିଆଣ ॥ ଦଶଲକ୍ଷ ଯୋଜନ ସେ ପୃଥ୍ୱୀ ଅଛି
ମାଝ । ଏଗାରଲକ୍ଷ ଯୋଜନ ପୁନ୍ନସିନ୍ଧୁ ବେଢ଼ । ତାହା ଧରିଅଛି
ବାସୁଦେବ ଭଗବାନ । ତହିଁ ତଳେ ପୁରେକ ସେ ଅଛଇ ଅର୍ଜୁନ ॥
ଏଗାର ଲକ୍ଷ ଯୋଜନ ପୃଥ୍ୱୀ ପ୍ରାଣବନ୍ଧୁ । ବାରଲକ୍ଷ ଯୋଜନ ବେଢ଼ିଛି
ତହିଁ ସିନ୍ଧୁ । ତାହା ଧରିଅଛି ବଳଧୃତ ନାମେ ବାସୁ । ତାହାତଳେ
ପୁରେକ ସେ ଅଛୁ ଧନଞ୍ଜୟ ॥ ବାରଲକ୍ଷ ଯୋଜନ ସେ ପୃଥ୍ୱୀ କଳେ-
ବର । ତାହା ଧରିଅଛି ବଳରାମ ହଳଧର ॥ ଦଶଦ୍ୱୀପ ତଳେ ଯେତେ
ପୁରମାନ ଅଛୁ । କେତେହେଁ କହେଁପି ତାହା କହିବା ବଡ଼ସି ॥ ଠିକ
ଠିକ କରି ତାହା ଶୁଣିଥାଅ ବୀର । ଚଉଦଲକ୍ଷ ଯୋଜନ ତହିଁ ତଳ
ପୁର ॥ ତାହା ଧରିଅଛି ଶଙ୍ଖ ନାମେ ମହାପଦ୍ମ । ପନ୍ଦର ଲକ୍ଷ ଯୋଜନ
ତହିଁ ତଳ ପୃଥ୍ୱୀ ॥ ସେ ଦ୍ୱୀପର ଭାବ ସନ୍ଧି ନ ପାରନ୍ତି କେହି ।
କ୍ଷୀରବର ନାମେ ଯେ ପୁରକୁ ଅଛି ବହି । ତାହା ତଳେ ପୁରେକ
ଯେ ଅଛୁ ଧନଞ୍ଜୟେ । ଅଠର ଲକ୍ଷ ଯୋଜନ ଊର୍ଦ୍ଧ ପ୍ରସ୍ଥ ହୁଏ ॥ ସିନ୍ଧୁ
ନାମେ ନାରାୟଣ ଧରିଛନ୍ତି ତାହା । ତହିଁ ତଳେ ପୁରେକ ଅଛଇ
ପାର୍ଥ ଯାହା ॥ ନବଲକ୍ଷ ଯୋଜନ ସେ ଦ୍ୱୀପ ଦିବ୍ୟବାସ । ତାହା
ଧରିଅଛି ତପୀ ଜଙ୍ଗମ ପୁରୁଷ । ତହିଁର ତଳରେ ଦିବ୍ୟ ପୁରେକ
ଯେ ଅଛୁ । କୋଡ଼ିଏ ଲକ୍ଷ ଯୋଜନ ଶୁଣ ସବ୍ୟସାଚି ॥ ସ୍ୱବୃଦ୍ଧି ନାମରେ
ଜାଣ ପୁରୁଷ ଗୋଟାଏ । ସେ ପୁରୁଷ ଧରିଅଛି ଶୁଣ ଧନଞ୍ଜୟେ ॥

Digitized by srujanika@gmail.com

ତହିଁ ତଳେ ପୁରେକ ଯେ ଅଛୁ ମହାଶ୍ରେଷ୍ଠ । ଏକୋଇଶ ଯୋଜନ ସେ ପୁର ଅଟେ ମୋଟ ॥ ତହିଁପରେ ପରମ ନବ୍ୟେଣ ଭଗବାନ । ଶ୍ରୀମନ୍ତ ଭମଣେ ଭୋଲ ଶ୍ରୀନନ୍ଦନନ୍ଦନ ॥ ଯେଉଁକାଳେ ସପ୍ତଦଶ ଅଙ୍କ ହେବ ଜାଣ । ଯୁଧିଷ୍ଠିର ନାମେ ଥିବ ଦବ୍ୟଦିଂହ୍ୱ ଗୁଣ ॥ ମୋର ନାମରତ୍ନଗୀତା ହୋଇବ ପ୍ରକାଶ । ପାଳକୃଷ୍ଣ ବୋଲେ ଏହା ଶୁଣ ପୀତବାସ ।

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଦ୍ୱୀପ ବର୍ଣ୍ଣନେ ନାମ ଅଷ୍ଟଚତ୍ୱାରିଂଶୋଽଧ୍ୟାୟଃ ।

—:0:—

ଊନପଞ୍ଚାଶତ୍ ଅଧ୍ୟାୟ ।

ଶ୍ରୀକୃଷ୍ଣ ଉବାଚ ।

ଅର୍ଜୁନ ଅଗରେ ଯେ କହନ୍ତି ବନମାଳ । ଏକମନେ ଶୁଣ ଭୁଦୋ ପୃଷ୍ଠେ ତପଲେକ । ତାହା ଧରିଅଛଇ ଯେ ଶୁଣ କୁନ୍ତୀସୁତ । ବଳବନ୍ତ ନାମେ ଏକ ଗୀଂ ଯେ ପର୍ବତ ॥ ତହିଁ ତଳେ ପୁରେକ ଯେ ଅଛୁ ଦବ୍ୟ ସ୍ଥଳ । ବାଇଶ ଲକ୍ଷ ଯୋଜନ ଯେ ପୁରର ସ୍ଥଳୀ ॥ ଶ୍ୱେତଦେବ ନାମେଣ ପୁରୁଷ ତହିଁ ଅଛୁ । ସେ ଦ୍ୱୀପ ଯେ ଧରିଅଛୁ ଶୁଣ ପଣ୍ଡୁବସ୍ତି । ତହିଁ ତଳେ ପୁରେକ ଯେ ଅଛଇ ଅର୍ଜୁନ । ତେଇଶଲକ୍ଷ ଯୋଜନ ସେ ପୁରର ସ୍ଥାନ ॥ ନୀଳକଣ୍ଠ ନାମେଣ ପୁରୁଷେ ଅଛୁ ତହିଁ । ସେ ପୁରୁଷ ଧରିଅଛୁ ଅଙ୍ଗରେଣ ବହି ॥ ତହିଁ ତଳେ ପୁରେକ ଅଛଇ ହାଦେ ଜାଣ । ଚବିଶଲକ୍ଷ ଯୋଜନ ଅଟଇ ସେ ସ୍ଥାନ ॥ ଶ୍ୱେତଦେବା ବୋଲିଣ ଶାସ୍ତ୍ରରେ କହି ଯାହା । ନୀଳାମ୍ବର ପୁରୁଷ ସେ ଧରିଅଛୁ ତାହା ॥ ପାତାଳ ବୈକୁଣ୍ଠ ତାକୁ ବୋଲିଣ ଅର୍ଜୁନ । କାରୁଣ୍ୟ ଜଳଧି ସେହିଠାରେ ଉତପନ୍ନ ॥ କୋଟିଏ ବ୍ରହ୍ମାଣ୍ଡ ତଳେ ଏକୋଇଶପୁର । ପାତାଳ ବୈକୁଣ୍ଠ ପୁରେ ପ୍ରଭୁ ନିରାକାର ॥ ସେ ଭୁବନେ ଯେତେ

Digitized by srujanika@gmail.com

ଦ୍ରବ୍ୟ ଉପୁଜଇ ପାର୍ଥ । ସୁନା ଯେ ମାଣିକ୍ୟ ହୀରା ମୁକୁତା ମର୍କତ ॥ ନବନିଧି ଅଦଭୁତ ଉପୁଜଇ ତହିଁ । ନିରାକାର ପୁରୁଷଙ୍କୁ ପଟାନ୍ତର ନାହିଁ ॥ ତାହାଙ୍କ ମହିମା ଶୁଣ କହୁଦେବା ଏବେ । ମନର ପରତେ ପାର୍ଥ ନ କରିବୁ ଯେବେ ॥ ଅଶେଷ ମହିମା ପାର୍ଥ କେ ପାରିବ କହି । ଏଡ଼େବଡ଼ ପୁରୁଷ ଯେ ବ୍ରହ୍ମାଣ୍ଡରେ ନାହିଁ ॥ ଶତଲକ୍ଷ ଯୋଜନ ବିସ୍ତାର ଦିବ୍ୟ ପଞ୍ଜ । ଷଣାଶତେ ଯୋଜନ ଯେ ଓସା ତାର ଉଚ୍ଚ ॥ ବୈକୁଣ୍ଠଭୁବନେ ଯେ ପୁରୁଷ ଥାଇ ହାତେ । ତାର ଯେ ଅଦଭୁତ ତହିଁ ଷୋଳଚନ୍ଦ୍ର ଉଦେ ॥ ସେ ଭୁବନ ମଧ୍ୟେ ଯେ ନିରାକାର ଥାଇ । ସର୍ପ ଗୋଟିଏକ ଅଛି ସିଂହଦ୍ୱାରେ ରହି ॥ ଲକ୍ଷ ମୁଣ୍ଡ ଏକଠ ବେ ରହିଅଛି ତାର । ଏମନ୍ତ ପ୍ରକାଶେ ସେ ନଗର ସିଂହଦ୍ୱାର ॥ ନିରାକାର ପ୍ରଭୁଙ୍କର ତେଜ ଅଟେ ଯେତେ । ସର୍ପର ତେଜହିଁ ଜାଣ ବଳିଅଛି ତେତେ ॥ ସେ ସର୍ପ ଦକ୍ଷିଣଚକ୍ଷୁ ରଙ୍ଗ ଜାଣ ହୁଦେ । କୋଟିଏ ସୂର୍ଯ୍ୟର ତେଜ ହୋଇଥାଇ ଉଦେ ॥ ବାମଚକ୍ଷୁ ଗୋଟାକ ଯେ କୋଟିଚନ୍ଦ୍ର ପ୍ରଭା । ଶାନ୍ତ ଯେ ଶୀତଳ ଯେନ ପାଉଅଛି ଶୋଭା ॥ ସେ ସର୍ପର ଲାଙ୍ଗୁରେ ବୃକ୍ଷେକ ଅଛି ରହି । ଦେବନାଶନ ବୋଲିଣ ତାହାକୁ ଯେ କହି ॥ ତ୍ରିଗଣ ଦେବତା ତହିଁର ଯେତେ ଥାନ୍ତି । ନିରାକାର ପ୍ରଭୁଙ୍କୁ ଦର୍ଶନ କରଯାନ୍ତି । ସେ ବୃକ୍ଷର ତଳେ ଉଭା ହୁଅନ୍ତେଣ ପାର୍ଥେ । ତେଜ ଲାଗି ସମସ୍ତ ଦେବତା ଯାନ୍ତି ନାଶ ॥ କେତେ ବ୍ରହ୍ମା କେତେ ବିଷ୍ଣୁ କେତେ ଦେବଗଣ । କେତେ ସୂର୍ଯ୍ୟ କେତେ ଚନ୍ଦ୍ର କେତେକ ବରୁଣ । କେତେକ କୁବେର କେତେ ପବନାଦି କରି । ସେ ବୃକ୍ଷ ତଳକୁ ଗଲେ ସମସ୍ତେହିଁ ମରି ॥ ଅସ୍ଥି ଚର୍ମ କେତେ ତହିଁ ଗଦିମା ହୋଇ । ସ୍ଥାନ ମୂରଛିପଡ଼ିଅଛନ୍ତି ଦଶଲକ୍ଷ ॥ ଦୈତ୍ୟପାଳ ବୋଲି ନାମ ବ୍ରହ୍ମା ଏକ ଥିଲା । ଶତକୋଟି ବାର ସେହି ବୃକ୍ଷତଳେ ମଲା ॥ ଶୀତେ-ଗୋଷ୍ଠା ବଦନ ଯେ ତାହାର ଅର୍ଜୁନ । ବ୍ରହ୍ମାମାନଙ୍କରେ ସେ ଅଟଇ

Digitized by srujanika@gmail.com

ମୋକ୍ଷପାନ ॥ ଦର୍ଶନକୁ ଯାଇଣ ପାଇଲ୍ପ ମହାଦଣ୍ଡ । ବୃକ୍ଷତଳେ ପଡ଼ିଅଛନ୍ତି ଶତକୋଟି ପିଣ୍ଡ ॥ ଏମନ୍ତ ପ୍ରକାରେ ଯେ ଦେବତାମାନେ ଗଲେ । ନିରାକାରଠାରୁ ଆଉ କେହି ନ ଆସିଲେ ॥ ସମସ୍ତର ମଧ୍ୟେ ଏକା ଥିଲେ ବଳରାମ । ସର୍ପରୂପ ଧଇଲେ ଯେ ଅଭିନବ କାମ ॥ ଦେବନାଶନ ତରୁର ଉପରେ ଶ୍ରୀହରି । ବୃକ୍ଷର ଉପରେ ତନସୂଣ ଚଳେ ବନ ॥ ତେଣୁକର ତେଜ ତାଙ୍କୁ ନ ଲାଗଇ ଆଉ । ପ୍ରତ୍ୟକ୍ଷେ ଦେଖିଲେ ନିରାକାର ମହାବାହୁ ॥ ଦେବତରୁ ଉପରେ ଶୂନ୍ୟରେ ଗଲେ ଉଡ଼ି । ନିରାକାର ପ୍ରଭୁଙ୍କ ଛାମୁରେ ଯାଇଁ ପଡ଼ି ॥ ସାବଧାନ ହୋଇ ତୁ ହୋ ଶୁଣ କୁନ୍ତୀଶିଷ୍ୟ । ଗୀତରେ ଭଣିଲ ଏହା ଧାନକୃଷ୍ଣ ଦାସ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ନିରାକାର ବର୍ଣ୍ଣନ ବିଷୟ କଥନ ନାମ ଊନପଞ୍ଚାଶୋଽଧ୍ୟାୟଃ ।

—※○※—

## ପଞ୍ଚାଶତ୍ ଅଧ୍ୟାୟ ।

### ଶ୍ରୀଭଗବାନୁବାଚ ।

ଏଥୁଅନନ୍ତରେ ତୁ ହୋ ଶୁଣିମା କଉନ୍ତି । ସର୍ପରୂପେ ବଳରାମ ନିରାକାର ଭେଟି ॥ ସେହି ଯେ ବଳରାମ ପ୍ରତ୍ୟକ୍ଷେ ସଦାଶିବ । ଅନନ୍ତ ହୋଇଲେ ସେ ପ୍ରଭୁଙ୍କୁ ଭେଟିବ । ଯୋଗଧ୍ୟାନ ସମାଧିରେ ଉଡ଼ିଗଲେ ହର । ଦେବତରୁ ଉପରେ ଯେ ତନସୂଣ ଦୂର ॥ ଦେଖି ନିରାକାର ଯେ ବୋଇଲେ ତାଙ୍କୁ ଗୁହ୍ୟ । କହୋ ବଳରାମ ତୁ ଆଇଲୁ କାହିଁପାଇଁ ॥ ଏ ମୋହର ତେଜ ଲାଗି ହେଲୁ ମୋହଗତ । ଉଠ ବୋଲି ଆଜ୍ଞା ଦେଲେ ଅନାଦି ଅଚ୍ୟୁତ ॥ ପ୍ରଭୁଙ୍କର ବଚନେ ଉଠିଲେ ବଳରାମ । କରପଦ୍ମ ଯୋଡ଼ି କଲେ ଦଣ୍ଡପରଣାମ ॥ ବୋଇଲେ ଶୁଣ ପ୍ରଭୁ ମୁଁ ଯେ କରୁଛି ଗୁହାରି । ସାବଧାନ ହୋଇ ତୁମ୍ଭେ ଶୁଣ ଦଇତ୍ୟାରି । ଦେବନାଶନ ମହାବୃକ୍ଷର ତଳେ ଯାଇଁ ।

Digitized by srujanika@gmail.com

କେତେ କେତେ ଅସ୍ଥି ପଡ଼ିଅଛନ୍ତି ଗୋସାଇଁ ॥ ବ୍ରହ୍ମା ବିଷ୍ଣୁ ମହେଶ୍ୱର ଚନ୍ଦ୍ର ସୂର୍ଯ୍ୟ ଯେନ । ବରୁଣ କୁବେର ବାୟୁ ଅନଳଙ୍କୁ ଘେନ ॥ କେତେ ଦେବତା ହେ ପ୍ରଭୁ ପଡ଼ିଛନ୍ତି ତହିଁ । ସେମାନଙ୍କୁ ମୁକତ କରନ୍ତା କେହି ନାହିଁ ॥ ତୁମ୍ଭ ଦରଶନକୁ ସେମାନେ କଲେ ଶ୍ରଦ୍ଧା । ଅନାଥ ହୋଇଣ ଯେ ପାଇଲେ ମୃତ୍ୟୁ ବାଧା ॥ ତୁମ୍ଭେ ଯେ ସ୍ୱଦୟା ମନେ ନ କଲ ତହିଁକି । ବଡ଼ ପ୍ରଭୁଙ୍କୁ ସେବିଲେ ଏହି ଲାଭ ନାଥ ॥ ନିରାକାର ବୋଇଲେ ଯେ ବଳରାମ ଆଗେ । ଶ୍ରୀବତ୍ସ କରଣକୁ ଘେନିଣ ଆସ ବେଗେ ॥ କେତେ ବ୍ରହ୍ମା କେତେ ବିଷ୍ଣୁ ହୋଇଛନ୍ତି ନାଶ । ଉଲଟ କରିବା ତାଙ୍କୁ ବେଗେ ଘେନ ଆସ ॥ ଆଜ୍ଞା ପାଇ ବଳରାମ ବେଗକରି ଗଲେ । ପ୍ରଭୁଙ୍କ ଛାମୁରେ ନେଇ ଶ୍ରୀବତ୍ସକୁ ଦେଲେ ॥ ନିରାକାର ବୋଇଲେ କରଣ ମୁଖ ଚାହିଁ । କେତେ ଦେବ ମରିଛନ୍ତି ଗଣିଅସ ଯାଇଁ ॥ ଆଜ୍ଞା ପାଇ ଶ୍ରୀବତ୍ସ କରଣ ଚଳିଗଲା । ବୃଣ୍ଡଳେ ଥାଟକାରେ ପ୍ରବେଶ ହୋଇଲା ॥ ପାଞ୍ଜି ପଢ଼ି ତଲବ ସେ କଲା ମହାତମା । ସହାନବେ କୋଟି ଏକା ମରିଛନ୍ତି ବ୍ରହ୍ମା ॥ ଶତେସହସ୍ର ସଦାଶିବ ଅଛନ୍ତି ଲୋଟି । ବିଷ୍ଣୁ ମରିଛନ୍ତି ଏକା ପଞ୍ଚତିଂଶ କୋଟି ॥ ଚନ୍ଦ୍ର ସୂର୍ଯ୍ୟ ବରୁଣ ଯେ ପବନ ଦେବତା । କେତେ କେତେ ମରିଛନ୍ତି ନ୍ଦ୍ରନ୍ତ ଗଣିତା ॥ ବ୍ରହ୍ମାଙ୍କୁ ହନେ ସେ ଯେ ହୁଅନ୍ତି ଅବଶେଷ । ଶତସହସ୍ର ଯୁଗ ଯାନ୍ତି ହବସବେ ନାଶ ॥ ଏମନ୍ତ ସମୟରେ ସେ ପ୍ରଭୁ ନିରାକାର । ବୋଲନ୍ତି ଯେ ଶୁଣ ତୁ ଅନନ୍ତ ନିରାକାର ॥ ଆମ୍ଭର ପ୍ରଭୁ ଅଟନ୍ତି ଯେଣୁ ବଂଶୀଧର । ଶ୍ରୀମତୀରମଣ ସେ ଯେ ଶ୍ରୀଶ୍ୟାମସୁନ୍ଦର ॥ ମୋହ ନାମରତ୍ନଗୀତା ଅଟେ ଯେଣୁ ଏହି । ଦୀନକୃଷ୍ଣ ଦାସ ଏହା ଭାବରେ ଯେ କହି ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଦେବମୃତ୍ୟୁ ଗଣନ କଥନେ ନାମ ପଞ୍ଚଶୋଽଧ୍ୟାୟଃ ॥

Digitized by srujanika@gmail.com

## ଏକପଞ୍ଚାଶତ୍ ଅଧ୍ୟାୟ ।

### ଶ୍ରୀଭଗବାନୁବାଚ ।

ଅର୍ଜୁନ ଆଗରେ ଯେ କହନ୍ତି ଭଗବାନ । ହେତୁ ମନେ ଶୁଣ ଏବେ ଯୁଧିଷ୍ଠିରଭାଇ ॥ ଈଶ୍ୱର ଯେ ଏହିଭାବେ କହୁଛନ୍ତି କେତେ । ଅନନ୍ତଙ୍କ ଲୋମେ ଅଣ୍ଡ ପଡ଼ିଅଛି ଯେତେ । ବ୍ରହ୍ମା ବିଷ୍ଣୁ ହର ଯେ ତଳବ କରୁଥିଲି । ଆଉ ଦେବତାଙ୍କ ଅନ୍ତ ନ ପାଇଲେ ଗଣି ॥ କୁଡ଼ କୁଡ଼ ହୋଇ ଅଣ୍ଡ ପଡ଼ିଅଛି ଯେତେ । ତଳବରେ ନ ହୋଇଲେ ଗଣିବା କେମନ୍ତେ ॥ ଏତେ କହି ଗଣିଲେ ଶ୍ରୀକୃଷ୍ଣ ଯେ ଗଣି । ନାରାୟଣ ଛାମୁରେ ବର୍ଣ୍ଣନ ଯାଇଁ କଲି ॥ କରପତ୍ର ଯୋଡ଼ିଣ ଗୋଇଲ ମହାକୋଟି । ବୋଲେ ମହାଛନ୍ତି ବ୍ରହ୍ମା ସତ ନବେକୋଟି ॥ ପଞ୍ଚବିଂଶ-କୋଟି ବିଷ୍ଣୁ ଗଣି କଲି ନାସ୍ତି । ସଦାଶିବ ମହାରୁଦ୍ର ଶତପଦ୍ମ ଗୋଟି ॥ ଚନ୍ଦ୍ର ସୂର୍ଯ୍ୟ ବରୁଣ ପବନ ଆଦି ମୂଳ । ଏମାନଙ୍କୁ ଗଣି ଅନ୍ତ ନ ପାଇଲି ଠୁଲେ ॥ ଶୁଣି କର ସନ୍ତୋଷ ହୋଇଲେ ନରବାର । ବଳରାମ ମୁଖ ଚାହିଁ ବୋଇଲେ ଉତ୍ତର ॥ ସାବଧାନ ହୋଇ ଶୁହୋ ଶୁଣ ଶୂଳପାଣି । ଏତେ ଲୋକ ମଧ୍ୟରେ ଆମ୍ଭେ ତ ନ ଜାଣି ॥ ବଳରାମ ବୋଇଲେ ଶୁଣିମା ଅହିପତି । ଯେତେକ ଦେବତା ତୁମ୍ଭ ତହିଁ ଜାତ ହୋନ୍ତି ॥ ତୁମ୍ଭ ମାୟା ପ୍ରଭୁ ଥାଉଁ ତାଙ୍କୁ ପାଦ ନହ । କାହିଁପାଇଁ ମରନ୍ତି ଏ ମୋତେ ଫେଡ଼ି କହ ନମସ୍କାର ବୋଇଲେ ଏ ଯେତେ ଦେବଗଣ । ଆମ୍ଭ ତହିଁ ଜନମ ବହୁ ଚତୁରପଣ ॥ ମୋକ୍ଷ ପଦ ଦେବାକୁ ବାଞ୍ଛା ଯହିଁ କଲେ । ଦର୍ଶନକୁ ଅସ୍ତି ଆସି ଅବାଟେ ମଲେ ॥ ଯେତେ ବ୍ରହ୍ମା ଅଣ୍ଡ ଗଣି ଅନନ୍ତ କରଣ । ଅଠର କଳପ ଯାଏ ତପ କଲେ ପୁଣ ॥ ବୋଇଲେ ଯେ ଦେବ ବଢ଼ି ମୁହିଁ ବିଷ୍ଣୁପଦ । ତାହା ଜାଣି ଆମ୍ଭ ମନେ ଉପୁଜିଲା ଖେଦ । ସନାତନ ବ୍ରହ୍ମାଙ୍କୁ ପେଷିଲୁଁ ଆମ୍ଭେ ରାଗେ । ବୋଇଲୁଁ ତା ତପ ଭାଙ୍ଗି ଆସ ଯାଇଁ ବେଗେ ॥ ଆଜ୍ଞାପାଇ ସନାତନ ଦେବବର

Digitized by srujanika@gmail.com

ଗଲା । କୌଣସି ପ୍ରକାରେ ତପ ଭଙ୍ଗ ନ ପାରିଲା ॥ ତେଣୁକରି ଶାପ ତାଙ୍କୁ ଦେଲୁଁ ଗୁରୁଜନ । ଶତେଷନ୍ ବାରଯାଏ ଜାତିବ ସେଠା ଶରୀର ॥ ଶ୍ରୀରାମ ରୂପରେ ଆମ୍ଭେ ଜନମିଲୁଁ ମଞ୍ଜେ । ରାବଣ ରୂପରେ ତୁମ୍ଭେ ଜନମିଲ ମର୍ତ୍ତ୍ୟେ ॥ ବନବାସଠାରେ ତାହାଁ ହରିନେଲ ସୀତା । କୌଶଲ୍ୟା ମାତା ଆମ୍ଭ ଦଶରଥ ପିତା ॥ ସେ ଶ୍ରୀରାମ ତ୍ରେତାରେ ସେ ହେବେ ଅବତାର । ଦ୍ୱାପରେ ଶ୍ରୀନନ୍ଦ ଘେ ଶ୍ରୀକୃଷ୍ଣ ତାଙ୍କ ବର । ଭକ୍ତଜନରେ ଜାତ ସେହି ଶ୍ରୀରାମଚନ୍ଦ୍ର । ମହା ଦୁର୍ଯ୍ୟ ରାବ ଆଜ୍ଞା ଦେଲ ବେଣୁଧର । ମୋହ ପଦ ସେବିଗଲୁ ଭଲ ଯେବେ ଅଶ । ସତ୍ୟଯୁଗ ତ୍ରେତାରେ ହୋଇବ ତୁ ନାଶ । ଶ୍ରୀହରି ବୋଇଲେ ପାର୍ଥ ଶୁଣୁଅଛ ଏବେ । ହିରଣ୍ୟପାଳ ବୃନ୍ଦଟି ରାବଣେଶର ପୂର୍ବେ । ନିରାକାର ତହୁଁ ଅନ୍ୟ ଶ୍ରେଷ୍ଠ ଅବତାର । ଷଟେଷପ୍ର ବାରଯାଏ ଛାଡିଲୁଁ ତା ଶରୀର ॥ କୋଟି କୋଟି ସତ୍ୟଯୁଗ ତ୍ରେତାଯୁଗ୍ମ ଗଲେ । କୋଟିଏ ଦ୍ୱାପରଯୁଗ କଳିଯୁଗ ହୋଇ । ଶାସ୍ତ୍ର ଅନୁକ୍ରମେଣ ଯେ ହରିନେଲ ସୀତା । କୃଷ୍ଣଦାସ ଭଣଇ ଏ ନାମରତ୍ନଗୀତା ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦ ନିରାକାର ଓ ବଳରାମ କଥୋପକଥନେ ନାମ ଏକପଞ୍ଚାଶୋଽଧ୍ୟାୟଃ ॥

—୦ଃ*ଃ୦—

## ଦ୍ୱିପଞ୍ଚାଶତ୍ ଅଧ୍ୟାୟ ।

### ଶ୍ରୀକୃଷ୍ଣ ଉବାଚ ।

ଅର୍ଜ୍ଜୁନ ଅଗ୍ରେ ଯେ କହନ୍ତି ଭଗବାନ । ଏକମନେ ଶୁଣ ଏବେ ଯୁଧିଷ୍ଠିରଙ୍କ ସାନ । ଯେଉଁ ବଳରାମ ପାର୍ଥ ସର୍ପରୂପେ ଗଲା । ନିରାକାର ଠାରେ ସାଇଁ ପ୍ରବେଶ ହୋଇଲା ॥ ସେ ବଳରାମଙ୍କ ଅଙ୍ଗୁ ସେବା ହୁଏ ଜାତ । ବନ୍ତୁହୁଁ ଅଧିକ ହୋଇ ଶୁଣ ବୀର ପାର୍ଥ ॥ କୋଟିଏ ଶୀତଳ ତେଜ ଭାବେ ହୋଇ ଥାଇ । ତେଣୁକର ପ୍ରଭୁଠାରୁ ପାରନ୍ତି ଯେ

Digitized by srujanika@gmail.com

ଯାଇ ॥ ଅନ୍ତ ଯେତେ ଦେବ ଦେଖ ନ ପଶନ୍ତ ପାଶ । ସେହ୍ନ ବୃଷ ତଳରେ ସମସ୍ତ ଯାଆନ୍ତି ନାଶ ॥ ଏଥିଅନନ୍ତରେ ତୁ ହୋ ଶୁଣ ପାଣ୍ଡୁନନ୍ଦନ । ନିରାକାର ମୁଖ ଚାହିଁ ବଳରାମ ପୁଚ୍ଛି ॥ ଏ ତୁମ୍ଭ ଶ୍ରୀଅଙ୍ଗରେ ଅସ୍ତ୍ର ପଡ଼ିଅଛି ଯେତେ । ବଡ଼ ଭାଗ୍ୟବନ୍ତ ମୁହିଁ କହୁଅଛି ତୋତେ ॥ ନିରାକାର ବୋଇଲେ ଯେ ଶୁଣ ଅରେ ବାପ । ଯେ ଯେ ଅସ୍ତ୍ର ପଡିଅଛି ଶରୀରଟି ସବୁ ॥ ଆମ୍ଭେ ନିଦ୍ରା ଗଲେ ସେ ଯେ ଚିଆଇଁଣ ଥାନ୍ତି । ଆମ୍ଭ ନିଦ୍ରା ଭାଙ୍ଗିଲେ ସମସ୍ତେ ନାଶ ଯାନ୍ତି ॥ ଯେତେକ ଅସ୍ତ୍ର ପଡ଼ିଛି ସମସ୍ତେ ନିରଞ୍ଜନ । ଆମ୍ଭ ପଦ ଘେନିବାକୁ କଲେ ଯତ୍ନ ମନ ॥ ତେଣୁକରି ଏମାନେ ଅଛନ୍ତି ମୃତ୍ୟୁ ପାଇ । ଆମ୍ଭେ ନିଦ୍ରାଗଲେ ସଙ୍ଗେ ଉଠିବେ ଚିଆଁଇ ॥ ମୋର ପଦ ଘେନିବାକୁ ପବନ ଯେ ଗଲା । ସୁରଗିରି ପର୍ବତରେ ବସି ତପ କଲା ॥ ସାତକଳ୍ପ ପର୍ଯ୍ୟନ୍ତେ କଲାକ ସେ ତପ । ତାହା ଜାଣି ଆମ୍ଭ ମନେ ଉପୁଜିଲା କୋପ ॥ ଧାତବଦନ ବ୍ରହ୍ମାଙ୍କୁ ଆଜ୍ଞା ଦେଲୁଁ ପୁଣ । ତୁ ଯାଇ ପବନକୁ ବେଗେ ହକାର ଆଣ ॥ ତାହା ବୋଲି ପବନ ନ ମାନେ କଦାଚିତେ । ଲେଉଟି ଆସିଣ ବ୍ରହ୍ମା ମନା କଲା ମୋତେ ॥ ବୋଇଲା ପବନ ମୁଁ ଯେ ତପ କରୁଅଛି । ତୁମ୍ଭ ଆଜ୍ଞା ମହାପ୍ରଭୁ ନ ମାନିଲା କିଛି ॥ ଏହା ଶୁଣି ପବନକୁ ମନେ କୋପ କଲୁଁ । ଶଙ୍ଖ ଚକ୍ର ଗୋଟି ଅନ୍ତରେ ପେଷିଣ ଦେଲୁଁ ॥ ଏମନ୍ତେ ଯେ ମହାପ୍ରଭୁ ଶ୍ରୀମନ୍ତାରମଣ । ପବନ କହିଲା ଯହିଁ ତାହାଙ୍କ ଆଗେଣ ॥ ମୋହ ନାମରତ୍ନଗୀତା ରସ ଅଟେ ସେହି । ଦୀନକୃଷ୍ଣ ଦାସ ଏକା ଭାବେ ମହାବାହୁ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ପବନ ତପ ବିଷୟ କଥନେ ନାମ ଦ୍ୱିପଞ୍ଚାଶୋଽଧ୍ୟାୟଃ ।

— ○ः❋ः○ —

## ତ୍ରିପଞ୍ଚାଶତ୍ ଅଧ୍ୟାୟ ।

ଶ୍ରୀକୃଷ୍ଣ ଉବାଚ ।

ଅର୍ଜ୍ଜୁନ ଅଗରେ ଯେ କହନ୍ତି ବନମାଳୀ । ଶୁଣ ଏବେ ଅର୍ଜ୍ଜୁନ

Digitized by srujanika@gmail.com

ହୋ କୃଷ୍ଣର ଯେ କେଳ ॥ ତେଣୁ ଯେ ଶ୍ରୀକୃଷ୍ଣ ପ୍ରଭୁ ଶ୍ରୀଶ୍ୟାମସୁନ୍ଦର । ଶ୍ରୀମନ୍ତ ବରଦେ ଯେନ୍ତୁ ହୋଇଣ ଅଭୂର । ଅଙ୍କା ପାଦକର ଚକ ବେଗେ ଚଳଗଲା । ଅଣଗୃଣ ଖଣ୍ଡ କରୁ କାଟି ପକାଇଲା । ତପ ଭଗ୍ନ କଲା ମୁନି କଶ୍ୟପର ବସି । ଅଣଗୃଣରୂପେ ମୋଟେ ସ୍ତୁତି କରୁଅଛୁ ॥ ନିର୍ବିକାର ବଚନେ ବୋଇଲେ ବଳରାମ । ଅଣଗୃଣ ପବନର କସ ବସ ନାମ ॥ ଏ କଥା ବିସ୍ତର ମୋତେ କହିବା ଗୋସାଇଁ । ଅନାଦି ବୋଇଲେ ଶୁଣ ଏକ ମନ ହୋଇ । ଅଣଗୃଣ ପବନର ନାମ ଦେବା କହି । ଶୁଣ ତୁ ହୋ ପାଣ୍ଡୁସୁତ ଏକମନ ହୋଇ ॥ ପ୍ରଥମେ ମରୁତ ଯେ ମାରୁତ ଏକମୂର୍ତ୍ତି । ବହନ ଶୋଷଣ ଯେବେ ହୋଏ ମୂରମୂର୍ତ୍ତି ॥ କଦଳ ଯେ ବସନ୍ତ ମଳୟ ସ୍ଵରଶ୍ରେଷ୍ଠ । କୋମଳ ପବନ ଯେବେ ହୋଇଲେକ ଅଷ୍ଟ ॥ ପ୍ରଳୟ ପବନ ତାପ ଗମନକୁ ଭରି । ପବମାନ ଗଗନ ପ୍ରଚଣ୍ଡ ଅଧିକରି । ମାୟାଧର ପବନ ଯେ ମହା-ଘୋର ମୂଳେ । ପୁଷ୍ପଧର ପବନ କହିଲୁଁ ତୋତେ ଠୁଳେ । ସେତୁସାର ପବନ ମଣ୍ଡଳ ଅଧିକର । ଶଶଧର ହେମଧର ହୋଇଲେ ଯେ ସ୍ଥିର ॥ ବଜ୍ରଧର କ୍ଷୋଭକର ତରୁବୃନ୍ଦ ଗୃଢ଼ । ଶୂନ୍ୟଧର ଏଥୁ ଶୂନ୍ୟ ମୋହବନ୍ତ ତତ୍ତ୍ଵ । ଚନ୍ଦନଧର ପବନ ପାଣିଧର ବେନି । ମହାନନ୍ଦ ପବନ ଯେ ଦଶଧର ଯେନି ॥ କୋପଧର ମହୀଧର ବସ୍ତୁ-ବନ୍ଧ ମୂଳେ । କେତୁଧାର ପବନ ଯେ ଶ୍ୟାମପାଣି ଭୂଲେ ॥ ମାୟାଧର ପବନ ଯେ ଦ୍ଵୀପଧର ବେନି । ଶିବଧର ପବନ ଯେ ଜୀବଧକୁ ଯେନି ॥ ଷଣ୍ଡ ନାମେ ପବନ ଯେ ମହାଦାହ ଦୁଇ । ପ୍ରାଣ ଉପାନ ପବନ ଧାରପାର ହୋଇ ॥ ଅମଣ୍ଡଳା କେଶଧର ହଳଧର ତିନି । ଶେତୁମାର ଶିଖେଶ୍ଵର ଅମୃତାଷ ଯେନି ॥ ମେଘନାଦ ପବନ ଗର୍ଜ୍ଜନନାଦ ମୂଳେ । ଅଣଚାଶ ପବନ ହୋଇଲାଟି କ ଠୁଳେ ॥ ଅଠରପବନ ତହୁଁ ସ୍ଵର୍ଗକୁ ଯେ ଗଲା । ଷୋଳଗୋଟା ପବନ ଯେ ପାତାଳେ ରହିଲା । ଏଗାରପବନ ଅମ୍ଭେ ରୁହାଇଲୁଁ ମର୍ତ୍ତ୍ୟେ । ଚାରିପବନକୁ

Digitized by srujanika@gmail.com

ସ୍ୱରମେଘେ ନେଲେ ମରଣ । ଅଣଚାଶ ପବନ ଯେ ବାଣ୍ଡି ହସ୍ତ ଭଲେ । ବଳରାମ ଅଂଶ ଏହା ଅନାଦି କହିଲେ । ସାବଧାନ ହୋଇ ଭୁ ହେ। ଶୁଣ ପଣ୍ଡୁ ଶେଷ । ଅଣଚାଶ ପବନର କହିଲି ସନ୍ଦେଶ ॥ ଏହି ଅନନ୍ତରେ ଭୁ ହେ। ଶୁଣ ସବ୍ୟସାଚି । ଭଗବାନ ମୁଖ ଶୁଦ୍ଧ ବଳଗ୍ରନ୍ଥ ପୁଛି ॥ ସାବଧାନ ହୋଇ ତୁମ୍ଭେ ଶୁଣ ଅବଧୂଳ । ଚନ୍ଦ୍ର, ସୂର୍ଯ୍ୟ ପବନ ଯେ ଦଶଦିଗପାଳ ॥ ଅମାବାସ୍ୟା ସଙ୍କ୍ରାନ୍ତି ଯାତବାର ଭର । କାହୁଁ ଜାତ ହୁଅନ୍ତି ଏ କହ ତଥ୍ୟ କର । ଭଗବାନ ବୋଇଲେ ଏ ମୋହଠାରୁ ଜାତ । ବ୍ରହ୍ମା ବିଷ୍ଣୁ ମହେଶ୍ୱର ଦେବା ଦେଖାମାତ ॥ ମୁହିଁ ଜାତ ହୋଇଲଇ ମୋହର ଯେ ଗର୍ଭେ । ସବାକୁ ଥୋଇଲି ମହିଁ କହିଦେବା ଏବେ ॥ ଲକ୍ଷେ ଯୋଜନରେ ଭାନୁ ଦୁଇଲକ୍ଷେ ଶଶୀ । ତିନିଲକ୍ଷେ ତାରା ଗ୍ରହଲକ୍ଷେ ଧ୍ରୁବ ବସି ॥ ପାଞ୍ଚଲକ୍ଷ ଯୋଜନେ ଯେ ଯମ ନୃପବର । ଷଡ଼ଲକ୍ଷ ଯୋଜନେ ସ୍ଥାପିଲି ପୁନାସୀର ॥ ସାତଲକ୍ଷ ଯୋଜନରେ ଧନପତି ସୀମା । ଅଠଲକ୍ଷ ଯୋଜନେ ଥୋଇଲି ବେଦବ୍ରହ୍ମା ॥ ଏହା ଜାଣି ଶ୍ରୀମନ୍ତ-ରମଣ ବୋଲେ ପୁଣ । ଅଙ୍କ ଦେଲେ ତୁମ୍ଭେ ଏବେ ଶୁଣ ନାସ୍ତିପୁଣ ॥ ସପ୍ତଦଶ ଅଙ୍କ ଯେଉଁ କାଳେ ହେବ ପୁଣ । ଯୁଧିଷ୍ଠିର ଜନ୍ମିଥିବେ ଦିବ୍ୟସିଦ୍ଧ ଜାଣ ॥ ମୋହ ନାମରତ୍ନଗୀତା ମନୋହର ସାର । ଶ୍ରୀନନ୍ଦ-କୃଷ୍ଣ ଦାସ ଏହା ହୃଦରେ ବିଚାର ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଅଣଚାଶ ପବନ ବିଷୟ କଥନେ ନାମ ତ୍ରିପଞ୍ଚାଶୋଽଧ୍ୟାୟଃ । ୫୩

—॰ଃ୦✱୦ଃ॰—

## ଚତୁଃପଞ୍ଚାଶତ୍ ଅଧ୍ୟାୟ ।

### ଶ୍ରୀକୃଷ୍ଣ ଉବାଚ ।

ଅର୍ଜୁନ ଯଗତେ ଯେ ବଦନ୍ତି ନାସ୍ତିପୁଣ । ଏକମନେ ଶୁଣ ଭୁ ହେ। ପାଣ୍ଡୁର ନନ୍ଦନ ॥ ନବଲକ୍ଷ ଯୋଜନ ସେ ଚନ୍ଦ୍ରମା ନନ୍ଦନ ।

Digitized by srujanika@gmail.com

ଦଶଲକ୍ଷ ଯୋଜନେ ଦେବତାଗଣ ଜାଣ । ନିରାକାର ବଚନ ସେମାନେ ନ ମାନନ୍ତି । ଉଠନ୍ତି ବସନ୍ତି ସେମାନେ ଅନ ହୁଅନ୍ତି ॥ ଅବଦମେରୁ ଦଶଲକ୍ଷ ଯୋଜନ ଯେ ଶିଖ । ସେହି ପାବଚ୍ଛରେ ସେ ଥୋଇଲେ ଦଶଲୋକ ॥ ଏତେ ବୋଲି ନିରାକାର ସନ୍ତୋଷ ହୋଇଲେ । ବର ମାଗ ବୋଲି ବଳରାମଙ୍କୁ ବୋଇଲେ ॥ ଅଚ୍ୟୁ- ବର ମାଗନ୍ତେ ଅନନ୍ତ ସେ ହେଲେ । ବାମଭୁଜ ତଳେ ବଳରାମଙ୍କୁ ଥୋଇଲେ ॥ ଶ୍ରୀହରି ବୋଇଲେ ଶୁଣ ହୋ ଶୁଣ ପାର୍ଥ ଅର୍ଜୁନ । ନିରାକାର ଦେହେ ଲୀନ ହେଲେ ବଳରାମ ॥ ଅବର କଥାଏ ଶୁଣ ହୋ ଶୁଣ ମହାବୀର । ଚନ୍ଦ୍ର ସୂର୍ଯ୍ୟ ଦୁହିଙ୍କି ପେଷିଲେ ନିରାକାର ॥ ବୋଇଲେ ହୋ ତୁମ୍ଭେ ଯିବ ଏ ତିନିଭୁବନ । ଉଦେ ହୋଇ ବୁଝିଥିବ ପାପ ପୁଣ୍ୟମାନ ॥ ଶାପ ପାଇ ସେମାନେ ଯେ ସର୍ବଦିନେ ଦୁଃଖୀ । ବସ୍ତୁ- ପଦ ଘେନିବାକୁ ହେଉଥାନ୍ତି ସୁଖୀ ॥ ଅବର କଥାଏ ପାର୍ଥ ଶୁଣ ଅନୁପାମ । ପୂର୍ବେ ଏକ ଚନ୍ଦ୍ର ଯେ ବଦନେଶ୍ୱର ନାମ ॥ ବସ୍ତୁପଦ ଘେନିବାକୁ କଲା ଘୋରତପ । ଶୁଣିକରି ନିରାକାର ମନେ କଲେ କୋପ ॥ ଯେଉଁସାର ବ୍ରହ୍ମାଙ୍କୁ ଯେ ପାଶକୁ ଚାଳିଲେ । ଚନ୍ଦ୍ରମାକୁ ଘେନିଆସ ବୋଲି ଆଜ୍ଞା ଦେଲେ ॥ ଆଜ୍ଞା ପାଇ ସେଉଁସାର ଚଳିଗଲେ ବେଗ । ତାହାଙ୍କୁ ଦେଖିଣ ଯେ ଚନ୍ଦ୍ରମା କଲା ରାଗ ॥ ବୋଇଲା ମୁଁ କାହିଁପାଇଁ ଯିବି ତାଙ୍କଠାବେ । ଲକ୍ଷେ ଯୁଗଯାଏ ତପ କରୁଅଛି ଏବେ ॥ ବସ୍ତୁପଦ ଘେନିବାକୁ ଅଛି ମୋର ମନ । ଆଉ କାହିଁପାଇଁ ତାଙ୍କୁ କରିବି ଦର୍ଶନ ॥ ଏ ବଚନ ଶୁଣି ଯେଉଁସାର ବ୍ରହ୍ମା ଗଲା । କରପଦ ଯୋଡ଼ି ବସ୍ତୁ ସମ୍ମୁଖେ କହିଲା ॥ ବୋଇଲା ସେ ତୁମ୍ଭ ପଦ ଘେନିବ ଗୋସାଇଁ । ତେଣୁକରି ଦର୍ଶନକୁ କଲା ଏବେ ନାହିଁ ॥ ଶୁଣି ନିରାକାର ପ୍ରଭୁ ମନେ କଲେ ରୋଷ । କାଳଚକ୍ର ପେଷିଣ ଚନ୍ଦ୍ରକୁ କଲେ ନାଶ ॥ ତେଣୁକରି ଚନ୍ଦ୍ରମା ଯେ ସେ ଦିନରେ ମଲା । ଅମାବାସ୍ୟା ବୋଲି ତାର ନାମ ତେବେ ହୋଇଲା ॥ ସ୍ତ୍ରୀ ଅଙ୍ଗରେ

Digitized by srujanika@gmail.com

ନିରାକାର କଲେ ତାଙ୍କୁ ଲୀନ । ତେଣୁକରି ଉଦେ ନୁହେ ଅମାବାସ୍ୟା ଦିନ ॥ ଅଶେଷ ବ୍ରହ୍ମାଣ୍ଡନାଥ ହୃଦେ ନାହିଁ ମାୟା । ପଛକର ଶଶାଙ୍କୁ କରନ୍ତି ମହାଦୟା ॥ ପୁଣିହିଁ ଶ୍ରୀଅଙ୍ଗୁ ତାଙ୍କୁ କାଢ଼ିଲେ ଗୋସାଇଁ । ଅନୁଗ୍ରହ କଲେ ସେ ପ୍ରସନ୍ନମୁଖ ହୋଇ । ବୋଇଲେ ତୁ ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ ଥିବୁ । ପଦ୍ମବଦନରେ ଛତ୍ର ପଙ୍କଜ ନଡ଼ିବୁ ॥ ଯେଉଁ ଦିନ ଚନ୍ଦ୍ର ତୋତେ କରିଲୁଁ ଛେଦନ । ସେହିଦିନ ଆମ୍ଭ ଅଙ୍ଗେ ହେଉଥିବୁ ଲୀନ ॥ ଅମାବାସ୍ୟା ଦିନ ତୁହି ନୋହିବୁ ଯେ ଦୃଶ୍ୟ । ତହିଁ ହୋଇଥିବୁ ଆମ୍ଭ ଶ୍ରୀଅଙ୍ଗରେ ପଶି ॥ ଜଗତରେ କେହି ତୋର ନ ଗ୍ରହିବେ ମୁଖ । ଦ୍ରୋହ କର୍ମ କଲୁ ଯେବେ ପାଇବୁଟି ଦୁଃଖ ॥ ଚନ୍ଦ୍ରବପୁ ଛାଡ଼ିବାକୁ ରାହୁ ଭିଅଇଲେ । ପାପ କ୍ଷୟ ଯିବାକୁ ଦିବସ ପୂର୍ଣ୍ଣ କଲେ ॥ ପୁଣି ନିରାକାର ତାଙ୍କୁ ଯତ ଦେଲେ ବର । ସମସ୍ତଙ୍କୁ ଜୀବଦାନ ଦିଅ କ୍ଷୀଣଧର ॥ ଶୁଣି କରି ଚନ୍ଦ୍ରମା ହୋଇଲେ ମନେ ତୋଷ । ନାମରତ୍ନଗୀତାରେ ଭଣିଲେ କୃଷ୍ଣଦାସ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ଚନ୍ଦ୍ରମା ତପ
ବ୍ରତସ୍ୟ କଥନେ ନାମ ଚତୁଃପଞ୍ଚାଶୋଽଧ୍ୟାୟଃ ।

## ପଞ୍ଚପଞ୍ଚାଶତ୍ ଅଧ୍ୟାୟ ।

### ଅର୍ଜ୍ଜୁନ ଉବାଚ ।

ଅର୍ଜ୍ଜୁନ ବୋଇଲେ ତୁମ୍ଭେ ଶୁଣ ଦାଶରଥି । କେତେବେଳେ ହେଲା ପୃଥ୍ୱୀ ହେଲା କେ ନୃପତି । କେଉଁ ଦେଶରେ ସେ ଅଟଇ କେଉଁ ନାମ । ଏ କଥା ବୁଝାଇ କହ ପୁରୁଷଉତ୍ତମ ॥ ଶ୍ରୀକୃଷ୍ଣ ବୋଇଲେ ତୁ ହୋ ଶୁଣ କୁନ୍ତୀସୁତ । ସଂଜ୍ଞ ନାମେ ପୃଥ୍ୱୀ ପ୍ରଥମେ ହୋଇଲା ଜାତ ॥ କୋଟିଏ ବେଳ ଜନମି ସେହି ଗଲା କ୍ଷୟେ । ସେ ମେଦିନୀ ପୃଥ୍ୱୀ ଜଳତଳେ କୋଟି ଯାଏ ॥ ନନ୍ଦା ନାମେ ପୃଥିବୀ ଯେ ଉତ୍ପନ୍ନ ପୁଣି । ତିନକୋଟି ବାର ନାଶ ଗଲା ସେ ଧରଣୀ ॥ ବସୁ

Digitized by srujanika@gmail.com

ନାମେ ପୃଥୀଶ ହୋଇଲା ପୁଣ ଜାତ । ପୃରକୋଟି ବାର ନାଶ ଗଲା
ସେହୁ ପାର୍ଥ ॥ ଭୂମି ନାମେ ଏକ ପୃଥ୍ୱୀ ଜାତ ଯେ ହୋଇଲା ।
ପାଞ୍ଚକୋଟି ବେଳ ଜନ୍ମି ସେହୁ ନାଶଗଲା ॥ ଏସନେକ ପୃଥ୍ୱୀ
ଅତପାତ ହେଉଛନ୍ତି ॥ ଶ୍ରୀହରି ବଚନ ଶୁଣି ଅର୍ଜୁନ ବୋଲନ୍ତି ॥
ସାବଧାନ ହୋଇ ତୁମ୍ଭେ ଶୁଣ ନନ୍ଦବଳା । ଜଳରେ କେବଣ ମହୀ
ହୋଇଥିଲା ଭେଳା ॥ କେବଣ ପ୍ରକାରେ ସେ ରହଇ କେଉଁଭାବେ ।
ଏ କଥା ବିସ୍ତାରି ମୋତେ କହ ଜନା ଏବେ ॥ ଶ୍ରୀହରି ବୋଇଲେ ସେ
ଯେ ନିରାକାର ବ୍ରହ୍ମ । ଅପଣା ଦେହରୁ ଉପାଇଲେ ଏକ ଲୋମ ॥
ମେରୁ କରି ମଧ୍ୟରେ ସେ ଯୋଡିଲେକ ତହିଁ । ନିଶ୍ଚଳ ହୋଇଲା
ପୃଥ୍ୱୀ ନ ଚଳିଲା ତହିଁ ॥ ଯେତେ ଗୋଟା ପୃଥିବୀ ହୋ ତେତେ
ଗୋଟା ମେରୁ । ଏ କଥାକୁ ଅର୍ଜୁନ ସନ୍ଦେହ କେତେ କରୁ ॥
ଅର୍ଜୁନ ବୋଇଲେ ଶୁଣ ପୁରୁଷୋତ୍ତମ । କେବଣ ମେରୁର ପ୍ରଭୁ
କେଉଁଭାବେ ନାମ ॥ ଶ୍ରୀହରି ବୋଇଲେ ସେ ପ୍ରଥମେ ମେରୁ
ଜାତ । ଶତଫଣି ବୋଲି ହାଦେ ନାମ ତାର ପାର୍ଥ । ପଦ୍ମସିଂହ
ବୋଲିକରି ଏକ ମେରୁ ହୋଏ । ଶ୍ରୀଧର ବୋଲିଣ ନାମ ଶୁଣ
ଧନଞ୍ଜୟେ ॥ ଜମ୍ବୁଧର ବୋଲି ପୁଣି ମେରୁ ହୋଏ ଜାତ । ମହୀଧର
ପଦ୍ମଧର ବେନି ମେରୁ ପାର୍ଥ ॥ ଆଉ ମେରୁ ନାମ ଯେ ବଜ୍ରଧର
କହୁ । ପୃଷ୍ଠିଧର ନାମେ ମେରୁ ଉପୁଜିଲା ମହୀ ॥ ଏକ ଏକ କରି
କେତେ ବୁଝାଇବା ପାର୍ଥ । ଯେତେ ମେରୁ ତେତେ ପୃଥ୍ୱୀ ହେଉଥାଇ
ଜାତ ॥ ଅର୍ଜୁନ ବୋଇଲେ ତୁମ୍ଭେ ଶୁଣ ମହାଗୁରୁ । କେତେ ପୁଷ୍କରଥାଇ
ପୁଣ କେତେଗୋଟା ମେରୁ ॥ ଶ୍ରୀହରି ବୋଇଲେ ତାହା କେ କରିବ
ଅନ୍ତ । ଅନନ୍ତ କୋଟି ବ୍ରହ୍ମାଣ୍ଡେ ମେରୁହିଁ ଅନନ୍ତ ॥ ଅନନ୍ତ ଯେ
ଖେଳ ଏବେ ହେଉ ଚିତ୍ତ ଦେଇ । ସପ୍ତଦଶ ଅଙ୍କେ ଜାତ ସତ୍ୟ
ଉପୁଜଇ ॥ ପାପୀ ଲୋକମାନେ ପୁଣ ନାଶଯିବେ ଜାଣ । ମୋହ ମୂର୍ଚ୍ଛ

Digitized by srujanika@gmail.com

ଜାତ ହେବ ପୃଥିବୀ ମଧ୍ୟେଣ ॥ ମୋହ ନାମରତ୍ନଗୀତା ଅମୃତ ଯେ ସାର । ଶାଳକୃଷ୍ଣ ଦାସ ଏହା କରଇ ପ୍ରଚାର ।

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ପୃଥ୍ୱୀ ଅତ-ନାତ କଥନେ ନାମ ପଞ୍ଚପଞ୍ଚାଶୋଽଧ୍ୟାୟଃ ।

— ୦:※:୦ —

ଷଟ୍‌ପଞ୍ଚାଶତ୍ ଅଧ୍ୟାୟ ।

ଶ୍ରୀକୃଷ୍ଣ ଉବାଚ ।

ଅର୍ଜୁନ ଅଗରେ ଯେ କହନ୍ତି ଭଗବାନ । ଏକମନେ ଶୁଣ ଏବେ ସ୍ୱର୍ଗର ଘାନ ॥ ସବୁ ଦ୍ୱୀପମାନଙ୍କରେ ରତ୍ନଦ୍ୱୀପ ସାର । ଅର୍ଜୁନ ବୋଇଲେ ତାହା କହ ମୋ ଅଗର ॥ କହୁଁ ଜାତ ହୋଇଲା ଯେ ରତ୍ନଦ୍ୱୀପମହୀ । ଏ କଥା ଗୋଟିକ ମୋତେ ଦେବଟିକ କହି ॥ ଶ୍ରୀହରି ବୋଇଲେ ଯାହା ପର୍ବତଙ୍କୁ ଜନ୍ମ । ପଦ୍ମନାଭେ ସାଗର ମେରୁକୁ ବାହ କଲ ॥ ମେରୁକୁ ଉପାଡ଼ ସେହୁ ଘେନଯିବା ବେଳେ । ଖଣ୍ଡ ଏ ଖଣ୍ଡିଏ ତହୁଁ ପଡ଼ିଲାକ ତଳେ ॥ ଦେବଗଣେ ବୋଇଲେ ଯେ ଏହି ଠାରେ ଥାଉ । ବଜ୍ର ରୂପରୁ ରତ୍ନ ଅପନ ଏ ହେଉ ॥ ରତ୍ନଦ୍ୱୀପ ବୋଲି ନାମ ଅଟଇ ଯେ ତାର । ଅତଯାତ ହୋଇଲାକ ଦଶକୋଟି ତାର । ସେ ପର୍ବତର ତଳେ ଏକ ଦେଉଳ ଶୋଭା । ବେନ ଯୋଜନରେ ସେ ଯେ ପଞ୍ଚଯୂଣ ଉଭା । ସେ ଦେଉଳ ଉପରେ ଯେ ପତାକା ପଟଣ । ମଧ୍ୟରୁ ବ ସେ ଦେଉଳ ତହିଁର ତଳେଣ ॥ ଶତ-ଲକ୍ଷ ଯୁଗ ଗଲେ ପାଣ୍ଡୁର ତନୁଜ । ତେତେବେଳେ ଦଶିବ ସେ ଦେଉଳର ଧ୍ୱଜ ॥ ତେତିଶ କୋଟି ଦେବତା ସେ ଦେଉଳେ ବସି । ଦିବ୍ୟଭୋଗ ଭୁଞ୍ଜିବେ ଅମରପୁରୁ ଆସି ॥ ରତ୍ନଦ୍ୱୀପ ଦେଉଳର ମହିମା ଯେମନ୍ତ । ଦେବ ମାନବେ ତାହାର ନ ପାବନ୍ତି ଅନ୍ତ ॥ ଚତୁର୍ମୁଖରେ ବ୍ରହ୍ମା ବଖାଣିଲେ ଅଲକ୍ଷ । ଭୂତଖଣ୍ଡ ମଧ୍ୟରେ ଛେଦଲେ ସବୁ ଦୁଃଖ ॥ ଈଶ୍ୱର ପଞ୍ଚବଦନେ ନ ପାରିଲେ କହି । ଆଉ କେ

କହିବ ତା ମାନବ ଦେହ ବନ୍ଧ ॥ ବେଦ ପୁଣି ଅଟଇ ଷାଠିଏ ସମ ଗ୍ରନ୍ଥ । ଚଉଛଷ ଶାସ୍ତ୍ର ଅଟେ ଷାଠିଏ ସହସ୍ର । ଲକ୍ଷେ ଚଣ୍ଡୀଗ୍ରନ୍ଥ ଯେ ଅଟଇ ବିଦ୍ୟମାନ । ଯେଉଁଠାରେ ଜାତ ହୋନ୍ତି ସେହିଠାରେ ଲୀନ ॥ ଅର୍ଜୁନ ବୋଇଲେ ପ୍ରଭୁ ପଚାରୁଛି ତୋତେ । ରାବଣଙ୍କୁ କେ ମାରିଲା ଏହା କହ ମୋତେ ॥ ଶ୍ରୀହରି ବୋଇଲେ ପାର୍ଥ ସାବଧାନେ ଶୁଣ । ରାବଣଙ୍କୁ ମାରିଲେ ପଦ୍ମନାଭ ନାରାୟଣ ॥ ଅର୍ଜୁନ ବୋଇଲେ ତୁମ୍ଭେ ଶୁଣ ଜଗନ୍ନାଥ । ସେ ପଦ୍ମନାଭ ପୂର୍ବେ କେଉଁପରି ଜାତ ॥ ଶ୍ରୀହରି ବୋଇଲେ ତାହା କହିଦେବା ତୋତେ । ଅତିକଷ୍ଟରେ ଯେ ହାତେ ପୁଚ୍ଛା କଲୁ ମୋତେ ॥ ସୂର୍ଯ୍ୟେଶ୍ୱର ବୋଲି ଏକ ରାଜାଏ ଉତ୍ତମ । ତାହାର ନନ୍ଦନ ଯେ ମର୍ଦ୍ଦନ ପାଲ ନାମ ॥ ଯେଉଁକାଳେ ପ୍ରେମଲଜ ହେବ ନିରନ୍ତର । ସେ କାଳର ମହିମା ଶୁଣ ହେ ଧନୁର୍ଦ୍ଧର ॥ ତୋର ନାମ ବିଦ୍ୟାଧର ହୋଇବ ପ୍ରମାଣ । ପାରଦ୍ୱୀପ ନୃପତି ତୁ ଥିବୁ ଯେ ହୋଇଣ ॥ ମୋହ ନାମରତ୍ନଗୀତା ଅମୃତ ଅଟଇ । କୃଷ୍ଣଦାସ ଭଣଇ ଯେ ହେତୁ ଚିତ୍ତେ ଦେଇ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ରତ୍ନଦ୍ୱୀପ ବିଷୟ ବର୍ଣ୍ଣନେ ନାମ ଷଟ୍ପଞ୍ଚାଶୋଽଧ୍ୟାୟଃ ।

## ସପ୍ତପଞ୍ଚାଶତ୍ ଅଧ୍ୟାୟ ।

### ଶ୍ରୀ ଭଗବାନୁବାଚ ।

ଅର୍ଜୁନ ଆଗରେ ଯେ କହନ୍ତି ନନ୍ଦବାଳା । ଶୁଣ ହେତୁଚିତ୍ତ ଦେଇ କୃଷ୍ଣର ଯେ ଲୀଳା ॥ ସେ ରାଜାର ଅଯୋଧ୍ୟା କଟକ ନାମେ ପୁରୀ । ତହିଁର ନୃପତି ଦଶରଥ ଦଣ୍ଡଧାରୀ ॥ ତାହା କୋଳେ ଉପୁଜିଲେ ଏ ଚାରି କୁମର । ଶ୍ରୀରାମ ଲକ୍ଷ୍ମଣ ଭରତ ଶତ୍ରୁଘନ ବୀର ॥ ଯହିଁ ସେ ପଦ୍ମନାଭ ନିଜ ବିଷ୍ଣୁରୂପ । ମହାଦେବ ତାଙ୍କ ସେବା କଲେ ସାତକଳ୍ପ । ପ୍ରସନ୍ନଚିତ୍ତରେ ଆଜ୍ଞା ଦେଲେ ନିର୍ବିକାର ॥

Digitized by srujanika@gmail.com

ବୋଇଲେ ଯେ ମହାଦେବ ମାଗ ମୋତେ ବର ॥ ମହାଦେବ ବୋଇଲେ ହେ କି ବର ମାଗିବି । ଗୋରୁହତ୍ୟା କରଅଛୁ କେମନ୍ତେ ତରିବି ॥ କଇଳାସ କନ୍ଦରେ ସେ ଚରୁଥିଲା ବତ୍ସା । ସ୍ୱହସ୍ତେ ମାଇଲି ପ୍ରଭୁ କର ମୋତେ ରକ୍ଷା ॥ ସେ ବତ୍ସା କଣ୍ଠରେ ରହିଅଛୁ ଅଜଯାଏ । କେମନ୍ତେ ମୁକତି ହେବ କହ ଦେବରାୟେ ॥ ଅନାଦି ବୋଇଲେ ପାପ ହେବ ତୋର ହତ । ଶ୍ରୀରାମ ସଙ୍ଗେ ଲକ୍ଷ୍ମଣ ରୂପ ହେବୁ ଜାତ ॥ ଯେଉଁ ବତ୍ସା ତୋହର କଣ୍ଠେ ଅଛୁ ପଶୁପତି । ପୂର୍ବାଙ୍ଗେ ହେବ ସେ ରାବଣଦୈତ୍ୟ ଶକ୍ତି ॥ ବନବାସ ଯିବେ ସେ ଯେ ରାମ ଜଗତ୍ପିତା । ରାବଣ ଯେ ହରନେବେ ଜନକଦୁହିତା । ଲଙ୍କପତି ସଙ୍ଗେ ଯୁଦ୍ଧ କରିବୁ ତୁ ଘୋର । ହୃଦରେ ପଡ଼ିବ ତୋର ଶକତି ଯେ ଶର ॥ ତେବେ ଯାଇଁ ମୁକତି ହୋଇବୁ ପଶୁପତି । ସେ ବତ୍ସା ଯେ ହୋଇଥିବ ରାବଣ ଶକତି ॥ ହୃଦରେ ପଡ଼ିଲେ ତୋର କ୍ଷୟ ଯିବ ପାପ । ଶୁଣିକରି ଈଶ୍ୱର ଛାଡ଼ିଲେ ମନସ୍ତାପ ॥ ଅର୍ଜୁନ ବୋଇଲେ ପ୍ରଭୁ ଶୁଣିମା ଗୋସାଇଁ । ତ୍ରେତୟାଯୁଗରେ ଦଶରଥ ନରସାଇଁ ॥ ଶ୍ରୀରାମ ଲକ୍ଷ୍ମଣ ହୋଇଥିଲେ ତାର ଶିଷ୍ୟ । କେଉଁ ତପ କରି ପୂର୍ବେ ହୋଇଥିଲେ କିସ ॥ ଶ୍ରୀହରି ବୋଇଲେ ସେତ ପଛେ ଉତକର୍ମା ॥ ବସ୍ତୁ ପୂଜାକଲେ ସେ ଯେ କେତୁଧର ବ୍ରହ୍ମୀ ॥ ନିରାକାର ପ୍ରଭୁ ତାଙ୍କୁ ପଚାରିଲ ଦିନେ । ପୂଜାବେଳେ କେଉଁକଥା ବିଚାରିଲ ମନେ ॥ କେତୁଧର ବୋଇଲେ ମୁଁ ନ ଜାଣଇଁ ଆନ । ତୁମ୍ଭ ପଦ୍ମପାଦେ ମୋର ନିରନ୍ତରେ ଧ୍ୟାନ ॥ ଆଉ କେଉଁ କଥାରେ ପଶିବ ମୋର ଚିତ୍ତ । ତୁମ୍ଭେ ତାହା ନ ଜାଣ କି ଅନ୍ତର୍ଯାମୀ ନାଥ ॥ ଅନାଦି ବୋଇଲେ ଅମ୍ଭେ ଜାଣୁ ସବୁକଥା । କହିଲେତ ମନକୁ ଲାଗିବ ବଡ଼ ବ୍ୟଥା ॥ ବୋଇଲି ଯେ ବସ୍ତୁଙ୍କୁ ସେବିଲେ ବସ୍ତୁ ହୋଇ । ତେବେ ସିନା ଜନମ ଯେ ସଫଳକୁ ଯାଇ ॥ ଏମନ୍ତ ବୋଲିଣ ମନେ କରୁ ଯେ ବିଚାର । ମିଛ ବୋଲି ଅମ୍ଭଙ୍କୁ ବଞ୍ଚିଲୁ ତୋହ ଛାର ॥ ହୋଇ-

Digitized by srujanika@gmail.com

ଶୁଣେ ବୈକୁଣ୍ଠ ଯେ ନୋହିବେ ପ୍ରାପତ । ସହସ୍ରେ ଜନମ ହେବୁ ମର୍ତ୍ତ୍ୟପୁରେ ସତ୍ୟ ॥ ମାନବ ଦେହରେ ଦଶରଥ ନାମ ବହି । ମର୍ତ୍ତ୍ୟଭୁବନରେ ତୁ ଜନମ ହୁଅ ଯାଇ ॥ ଶ୍ରୀରାମ ଅବତାର ହୋଇବେ ଯେଉଁକାଳେ । ଜନମ କରିବୁ ତାଙ୍କୁ ପାଞ୍ଚ ସାତ ବେଳେ । ଯେତେବେଳେ ବନବାସ ଯିବେ ରଘୁନାଥ । ସେତେବେଳେ ମୃତ୍ୟୁ ତୋତେ ହୋଇବ ପ୍ରାପତ ॥ ପାଞ୍ଚସାତ ଜନମ ଯେ ଯିବ ତ୍ରେତୟାରେ । ବସୁଦେବରୂପେ ଜାତ ହୋଇବୁ ଦ୍ୱାପରେ ॥ ସୁଦେବ ନନ୍ଦ ଯେ ବସୁଦେବ ମହାବୀର । ଦେବକୀ ନାମରେ ଯେ ଭାରିଯା ହେବ ତୋର ॥ କୃଷ୍ଣ ଅବତାର ଯେ ହୋଇବ ସେତେବେଳେ । ତୋହର କୋଳେ ଜନମିବେ ପାଞ୍ଚସାତ ବେଳେ । ତେବେ ତୁ ଯେ ମୁକତ ହୋଇବୁ ବେଦପଥ । ବୈକୁଣ୍ଠେ ବସିବୁ ଯାଇଁ ଦେବଙ୍କ ସଥ । ଶୁଣି କେତୁସାର ବ୍ରହ୍ମା ସନ୍ତୋଷ ହୋଇଲେ । ଦୀନକୃଷ୍ଣ ଦାସ ଏହା ଗୀତରେ କହିଲେ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ଦଶରଥ
ପୂର୍ବଜନ୍ମ କଥନେ ନାମ ସପ୍ତପଞ୍ଚାଶୋଽଧ୍ୟାୟଃ ॥

—o—o—

## ଅଷ୍ଟପଞ୍ଚାଶତ୍ ଅଧ୍ୟାୟ ।

### ଶ୍ରୀକୃଷ୍ଣ ଉବାଚ ।

ଶ୍ରୀହରି ବୋଇଲେ ତୁ ହେ ଶୁଣ ବୀର ପାର୍ଥ । ବ୍ରହ୍ମା ହୋଇଥିଲେ ଦଶରଥ ରୂପେ ଜାତ ॥ ପୂର୍ବର ଶାସ୍ତ୍ର ଗୋଟା ଯେ କହିଦେଲୁଁ ତୋତେ ॥ ଆଉ କଥା ଥିଲେ ତୁ ପଚାର କହ ମୋତେ ॥ ଅର୍ଜ୍ଜୁନ ବୋଇଲେ ତୁମ୍ଭେ ଶୁଣ ନନ୍ଦବଂଶେ । ପୂର୍ବ କଥାମାନ ମୁଁ ଯେ ନ ଜାଣଇ କିଛୁ ॥ ଶ୍ରୀରାମ ବୋଲଣ ତୁମ୍ଭ ଦଶରଥ ସୁତ । ତାହାଙ୍କୁ ଯେ ସେବା କଲା ବୀର ହନୁମନ୍ତ ॥ କପିକୁଳେ ଜନମି ହୋଇଲା କପା ଏତେ । ଦେବତାମାନେ ପୁଣି

Digitized by srujanika@gmail.com

ହେଉ କାହାନ୍ତ ସେହେ ॥ ସାତସିନ୍ଧୁ ଡେଇଁଣ ଯେ ସୀତା ଠାବ କଲା । ବଳ ବାନ୍ଧ ଶ୍ରୀରାମଙ୍କୁ ଲଙ୍କାକୁ ସେ ନେଲା ॥ ଏତେ ବଳ କାହୁଁ ସେ ପାଇଲା କପିପତି । ଋଷିଗଣ ମଧ୍ୟରେ ସେ ବୋଲାଇଲା ଯତି ॥ ତେଣୁକରି ତୁମ୍ଭଙ୍କୁ ପଚାରୁଅଛି ହରି । ହନୁମନ୍ତ କଥା ମୋତେ କହ ତଥ୍ୟକରି । ଶ୍ରୀହରି ବୋଇଲେ ଯାହା ପଚାରିଲୁ ପୁଣ ॥ ହନୁମନ୍ତ ମହିମା କହିବା ଏବେ ଶୁଣ ॥ ସବୁ ଦେବତାଏ ବସି କଲେ ଯେ ବିଚାର । ଶ୍ରୀରାମ ମାରିବେ ଯେ ରାବଣ ଲଙ୍କେଶ୍ୱର ॥ ସମୁଦ୍ର ବାନ୍ଧିବାକୁ କେ ସାମର୍ଥ ଅଛି । ତେବେ ସିନା ମରିବ ଯେ ରାବଣ ରକ୍ଷି ॥ ବ୍ରହ୍ମା ବୋଇଲେକ ଆମ୍ଭେ ବ୍ରହ୍ମା ବିଷ୍ଣୁ ଶିବ । ତିନି ଲୋକ ହୋଇବୁଁ ଯେ ହନୁମନ୍ତ ଜୀବ ॥ ଦେବଙ୍କର ତେଜ ଅମ୍ଭ ତିନିଙ୍କର ତେଜ । ଶିବଙ୍କ ଅଂଶରୁ ହେବ ହନୁମନ୍ତ ଜାତ ॥ ହରିହର ଦେବଗଣ ଅତି ପଦ୍ମଯୋନି । ଅଗସ୍ତ୍ୟ ଯେ ମହାଦେବ ଆଉର କାତ୍ୟାୟନୀ ॥ ପାଞ୍ଚ ଅଂଶ ଯେଣୁ ହନୁମନ୍ତ ହୋଇଲା ଜନ୍ମ । ତୋ ଆଗେ କହିଲୁଁ ପାର୍ଥ କଥାର ମରମ ॥ ଶୁଣିକରି ଅର୍ଜୁନ ହୋଇଲେ ମନେ ତୋଷ । ବୋଇଲା ମୁକତି ମୋତେ କଲ ନିରଦ୍ୱେଷ୍ୟ ॥ ଆଉର କଥାଏ ପ୍ରଭୁ ମୋତେ ଆଜ୍ଞା ହେଉ । ଅମ୍ଭ ଜ୍ୟେଷ୍ଠଭାଇ ଯେ ଯୁଧିଷ୍ଠି ମହାବାହୁ । ତାହାଙ୍କୁ କିପାଇଁ ତୁମ୍ଭେ ଦଣ୍ଡବତ କର । ଏ କଥା ଗୋଟିକ ଫେଡ଼ି କହ ଚକ୍ରଧର । ଶ୍ରୀହରି ବୋଇଲେ ସେ ଯେ ବଡ଼ଲୋକ ହନ୍ତି । ଯେ କଥା ଫେଡ଼ିଣ ତୋତେ କହିଦେବା ଏବେ ॥ କେତେ ନାମେ ବ୍ରହ୍ମା ଯେ ବିଷ୍ଣୁଙ୍କୁ କଲା ସେବା । ନିରାକାର ବୋଇଲେ ହେ ବର ମାଗ ଦେବା ॥ କେତେ ଦିନ ସେବା କଲୁ ଅଛୁନ୍ତି କି ଜାଣି । ସେ ବୋଇଲେ ଶତେ ପୃଷ୍ଠ ଥୋଇଅଛି ଗଣି । ସେହି କୁରୁବଂଶେ ଜନ୍ମ ହେବେ ନରବର । ହବ୍ୟପିଣ୍ଡ ନାମ ଯେ ହୋଇବ ତାହାଙ୍କର ॥ ମୋହ ନାମରତ୍ନଗୀତା ଅଟଇ ଯେ ସାର । ଦୀନକୃଷ୍ଣ ଦାସ ଯେ ଭଣେ ନିରନ୍ତର ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀକୃଷ୍ଣାର୍ଜୁନସମ୍ବାଦେ ହନୁମନ୍ତ ଜନ୍ମ କଥନେ ନାମ ଅଷ୍ଟପଞ୍ଚାଶୋଽଧ୍ୟାୟଃ ।

Digitized by srujanika@gmail.com

## ଊନଷଷ୍ଠିତମ ଅଧ୍ୟାୟ ।

### ଶ୍ରୀ ଭଗବାନୁବାଚ ।

ଅର୍ଜ୍ଜୁନ ଆଗରେ ସେ କହନ୍ତି ପୀତବାସ । ଏକମନେ ଶୁଣ ତୁ ହୋ ଶ୍ରୀକୃଷ୍ଣର ରସ ॥ ନରକାର ଠାରୁ କେତୁବନ୍ଧା ଏହା ଶୁଣି । ସେତେଦିନ ସେବା କଲା ଶୁଣ ଚକ୍ରପାଣି ॥ ଶତେକଳ୍ପ ହୋଇଲାଣି ସେବା କଲି ତୋତେ । ଅମରପୁରରେ ପ୍ରଭୁ ଇନ୍ଦ୍ର କର ମୋତେ ॥ ସେବା ମୋର କଲପେ ହୁଅଇ ଯେବେ ଶେଷ । ଚଢାଇବା ପାଇଁ ଗଣି ଥୁଏ ଏକପୁଷ୍ପ ॥ ଏହିଭାବେ ଶତେକଳ୍ପ ସେବା କଲା ପୁଣି । ଶତେଗୋଟା ପଦ୍ମପୁଷ୍ପ ଥୋଇଅଛି ଗଣି ॥ ଆଜ ବରେ ମହାପ୍ରଭୁ କାର୍ଯ୍ୟ ମୋର ନାହିଁ । ଇନ୍ଦ୍ର ପଦେ ବସିବି ଅମରସ୍ୱର୍ଗେ ଯାଇଁ । ଏଥିପାଇଁ ସେବା ମୁଁ ଯେ କରଅଛି ତୋତେ । ସ୍ୱର୍ଗରେ ବସାଅ ନେଇ ଇନ୍ଦ୍ରପଦେ ମୋତେ ॥ ଏସନକ ବାରତା ପାଇଣ ସୁରପତି । ପୁଷ୍ପ ଗୋଟିଏକ ହରିନେଲା ଶୀଘ୍ରଗତି ॥ ବୋଇଲା ମୋହର ପଦ ଯେନବତ ବ୍ରହ୍ମା । ଅଧର୍ମ୍ମ ବସ୍ତୁର କଥା କଲା ମହାତମା । ଏଥି କିଛି ମୋହର ଯେ ଦୋଷ ନାହିଁ ଆଉ । ଧର୍ମଦେବତାହିଁ ଏଥି ସାକ୍ଷୀ ହୋଇ ଥାଉ ॥ ଏତେ ବୋଲି ପୁଷ୍ପ ଗୋଟିଏକ ନେଲା ହରି । କେତୁବନ୍ଧା ତାହା ନ ପାରିଲା ହେତୁକରି ॥ ନରକାର ବୋଇଲେ ଯେ ବ୍ରହ୍ମାମୁଖ ଚାହିଁ । ସକଳୁରେ ସେବାକଲୁ ତୋର ପୁଷ୍ପ କାହିଁ ॥ ଆଜ୍ଞା ପାଇ ବ୍ରହ୍ମା ପୁଷ୍ପ ଗଣୁରେ ଥୋଇଲା । ଗଣିଲାବେଳକୁ ଊଣା ଗୋଟିଏ ହୋଇଲା ॥ ନରକାର ବୋଇଲେ ହେ କହୁଅଛି ତୋତେ । କପଟ କରଣି ତୁ ଯେ ସେବାକଲୁ ମୋତେ ॥ ଶତେକବର୍ଷ ପର୍ଯ୍ୟନ୍ତେ କଲୁ ଯେ କଳ୍ପନା । ଗଣିଲା ବେଳକୁ ପୁଷ୍ପ ହୋଇଲା ଯେ ଊଣା ॥ ତେଣୁ କରି ଶାପ ତୋତେ ଦେଉଅଛି ଖରେ । ମାନବ ଦେହରେ ଜାତ ହୁଅ ମର୍ତ୍ତ୍ୟପୁରେ ॥ ଯୁଧିଷ୍ଠି ବୋଲିଣି ନାମ ହୋଇବ ତୋହର । ଶତେଜନ୍ମ ଗଲେ ତୋର ପାପ ଯିବ ପାର ॥ ଧର୍ମକଥା ଅତେବାର ଯେ ମର୍ତ୍ତ୍ୟପୁରେ ଥିବୁ । ମିଛ ନ କହିଲେ ଯେନା ବୈକୁଣ୍ଠକୁ ଯିବୁ ॥ ବାସୁଦେବ ନାମେଣ ଯେ

Digitized by srujanika@gmail.com

ବୈଶ୍ୟଦେବ ସ୍ତୁତ । ନମସ୍କାର କଲେ ତୁ ଯେ ହୋଇବୁ ମୁକତ । ଶୁଣି-
କରି ସନ୍ତୋଷ ହୋଇଲେ କେଶୁବ୍ରହ୍ମା । ଇନ୍ଦ୍ରକୁ ମନରେ କୋପ
କଲେ ମହାତମା ॥ ବୋଇଲେ ହେ ସୁରପତି ଅଧର୍ମକୁ ଗଲୁ ।
ଶତେକଗୋଷ୍ଠୀ ପୁଷ୍ଟ ମୋର ଅନେଶତ କଲୁ ॥ ତେଣୁ କରି ଶାପ
ତୋତେ ଦେଉଅଛୁ ମୁହିଁ । ମର୍ତ୍ତ୍ୟେ ଜାତ ହୋଇବୁ ମାନବଦେହ
ବହି ॥ ଧୃତରାଷ୍ଟ୍ର ନାମ ତୋ ହସ୍ତିନା ନାମେ ପୁର । ଅନେଶତ ପୁତ୍ର
ଜାତ ହୋଇବେ ତୋହର । ଏ ମୋହର ଶାପ ତୋତେ ମେଣ୍ଟିଣ
ନ ଯାଉ । ଏକାଦେହ ଗୋଷ୍ଠୀ ତୋର ଅନେଶତ ହେଉ ॥
ଶିରଛେଦ ହୋଇ ଅନେଶତ ହେଲେ ଥିବୁ । ଭାରତଯୁଦ୍ଧରେ ତୁତ
ମୁକ୍ତ ହୋଇଯିବୁ ॥ ଶ୍ରୀହରି ବୋଇଲେ ତୁ ହୋ ଶୁଣ ମହାବୀର ।
ଧୃତରାଷ୍ଟ୍ର ନନ୍ଦନ ହୋଇଲା ସୁନାସୀର ॥ ଏକା ଇନ୍ଦ୍ର ଊନଶତ କୁମର
ହୋଇଲା । ଜ୍ଞାନକୃଷ୍ଣ ଦାସ ଏହା ଗୀତାରେ କହିଲା ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଯୁଧିଷ୍ଠିର ଦେବଙ୍କ
ପୂର୍ବଜନ୍ମ କଥନେ ନାମ ଊନଷଷ୍ଠିତମୋଽଧ୍ୟାୟଃ ।

## ଷଷ୍ଟିତମ ଅଧ୍ୟାୟ ।

ଅର୍ଜୁନ ବୋଇଲେ ତୁମ୍ଭେ ଶୁଣିବା ଗୋସାଇଁ । କୁମ୍ଭକର୍ଣ୍ଣ ରାବଣ
ଏ ପୂର୍ବେ ଥିଲେ କାହିଁ ॥ ତେଣୁ କରି ଗୋସାଇଁ ପଚାରୁଅଛୁ ମୁହିଁ ।
ସେ କଥା ଲୋକଙ୍କ ମୋତେ ଫେଡ଼ି ଦେବ କହି ॥ ଶ୍ରୀହରି
ବୋଇଲେ ଯାହା ପୁଚ୍ଛାକରୁ ପୁଣ । କୁମ୍ଭକର୍ଣ୍ଣ ରାବଣର ପୂର୍ବଜନ୍ମ
ଶୁଣ ॥ ପାତାଳ ବୈକୁଣ୍ଠେ ବସେ ପ୍ରଭୁ ନିରାକାର । ଧ୍ୟାନରେ ବସିଲେ
କେହୁ ନାହିଁ ସିଂହଦ୍ୱାର ॥ ଆପଣା ଶ୍ରୀଭୁଜରୁ ରୁଧିର ଜାତ କଲେ ।
ବଢ଼ୁଛି ଗୁଡ଼ାଏ ଫେନ ଶ୍ରୀଭୁଜେ ମର୍ଦ୍ଦିଲେ ॥ ଫେନଗୋଷ୍ଠ ପିଣ୍ଡୁଳା
ଗଢ଼ିଲେ ନିରଞ୍ଜନ । ମୃତ୍ୟୁସଞ୍ଜୀବନୀ ମନ୍ତ୍ର କହିଲେ ତା କର୍ଣ୍ଣ ॥
ଫେନଗୋଷ୍ଠା ପୁରୁଷ ହୋଇଲେ ତହୁଁ ଜାତ । କରପଦ ଯୋଡ଼

Digitized by srujanika@gmail.com

କିଲେ କୋଟି ଦଣ୍ଡବତ । ବୋଇଲେ ଅମ୍ଭଙ୍କୁ ତୁମ୍ଭେ ଜାତକଲ
ଯେବେ । ବୈକୁଣ୍ଠାବରେ ରହିବୁ ଆଜ୍ଞାଦେଉ ଏବେ ॥ ନମସ୍କାର
ବୋଇଲେ ଅମ୍ଭଙ୍କୁ ସେବାକର । ତୁମ୍ଭକୁ ଲାଗଇ ପୁଣ ବୈକୁଣ୍ଠ ଦୁଆର ॥
ଯେତେଡ଼ ଲୋକ ଆଇଲେ ନ ଦେବ ପଥସ୍ଥ । ବୈକୁଣ୍ଠର ଦ୍ୱାର
ତୁମ୍ଭେ ଜଗିଥିବ ମାତ୍ର ॥ କୌଣସି କଥାକୁ ଭୟ ନ କରିବ ଆଉ ।
ଜୟ ବିଜୟ ବୋଲିଣ ନାମ ତୁମ୍ଭ ହେଉ ॥ ଏମନ୍ତ ବୋଲିଣ ଆଜ୍ଞା
ଦେଲେ ନମସ୍କାର । ପ୍ରବେଶ ହୋଇଲେ ଆସି ମନୁ ବେଦବର ॥
ଠାକୁରଙ୍କୁ ଦର୍ଶନ କରିବେ ବୋଲି ବ୍ରହ୍ମା । ଭିତରପୁରକୁ ବୋଲି
ଗଲେ ମହାତମା ॥ ବେନ ଦ୍ୱାରପାଳ ତାଙ୍କୁ ନ ଛାଡ଼ିଲେ ବାଟ ।
ବୋଇଲେ ହେ ବ୍ରହ୍ମା ତୁମ୍ଭେ ଅଜ୍ଞାନ କି ଅଛ ॥ ପ୍ରଭୁ ଆଜ୍ଞା ନୋହିଲେ
ଛାଡ଼ିବୁ ନାହିଁ ଆମ୍ଭେ । ନିଅବକାଶରେ କପାଁ ଭେଟିଯିବ ତୁମ୍ଭେ ॥
ମନୁବ୍ରହ୍ମା ବୋଇଲେ ଅବଶ୍ୟ ଆମ୍ଭେ ଯିବୁଁ । କେବଳ ଦର୍ଶନ କରି
ବାହୁଡ଼ି ଆସିବୁଁ ॥ ଏତେ ବୋଲି ଭିତରକୁ ପଶିଲେ ତରସି ।
ଦାବୁକା ମାଇଲେ ତାଙ୍କୁ ଦ୍ୱାରପାଳେ ଆସି ॥ ଡିଆଁଇ ଯାଇ ଫୋପଡ଼ାଇ
ଦେଲେ ଉଗ୍ରକର୍ମା । କୋପଭରେ ଶାପ ତାଙ୍କୁ ଦେଲେ ମନୁବ୍ରହ୍ମା ॥
ବୋଇଲେ ଅମ୍ଭଙ୍କୁ ଯେ ଦଣ୍ଡମଣ୍ଡ କହିଲ । ଅମ୍ଭର ପ୍ରକୃତ ଧରି
ଦାବୁକା ମାଇଲ ॥ ଶାପ ତୁମ୍ଭଙ୍କୁ ଯେ ଏବେ ପଡ଼ୁ ଦୈତ୍ୟ ସଙ୍ଗେ ।
ଦନୁଜ ହୋଇଣ ତୁମ୍ଭେ ଜାତ ହୁଅ ମର୍ତ୍ତ୍ୟେ ॥ ରାବଣ କୁମ୍ଭକର୍ଣ୍ଣ
ବୋଲିଣ ବେନଭାଇ । ସତେବେଳ ଜନମ ହୋଇବ ମର୍ତ୍ତ୍ୟ ଯାଇ ॥
ଯେତେବେଳେ ମାରିବେଟି ପ୍ରଭୁ ଚକ୍ରଧର । ତେତେବେଳେ ମୁକତି
ଯେ ଲଭିବ ନିକର ॥ ଆବର ଦେଖିବ ତୁମ୍ଭେ ଶ୍ରୀମତୀରମଣ ।
ସେକାଳେ ଉଗମଗତ ଲଭିବଟି ଜାଣ ॥ ମୋହ ନାମରତ୍ନଗୀତା ।
ହେତୁ ଚିତ୍ତେ ଧର । ଘନକୃଷ୍ଣ ଦାସ ଗୀତେ କଲେକ ପ୍ରଚାର ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ରାବଣ କୁମ୍ଭ-
କର୍ଣ୍ଣ ପୂର୍ବଜନ୍ମ କଥନେ ନାମ ଷଷ୍ଠିତମୋଽଧ୍ୟାୟଃ ।

Digitized by srujanika@gmail.com

## ଏକଷଷ୍ଟିତମ ଅଧ୍ୟାୟ ।

### ଶ୍ରୀକୃଷ୍ଣ ଉବାଚ ।

ଆଉର କଥାଏ ପାର୍ଥ ଶୋଭତ ହେବା କହ୍ନ । ଯୁକତେ ଭୁ ଅନ୍ତର ମାଉସୀପୁଅ ଭାଇ । ଯେମନ୍ତ ପ୍ରକାରେ ତୋର କ୍ଷୟିଯିବ ପାପ । ମୋହର ନାମ ଧର ଏକା ହୃଦପଦ୍ମେ ଜପ ॥ ନାମବ୍ରହ୍ମ ଜପି ଯେ କରଇ ମୋର ସେବା । ସେ ପ୍ରାଣୀ ଗୋଷ୍ଠୀଙ୍କୁ ଦଶ ପଣ୍ଡାନ୍ତର ଦେବା ॥ ଦୁଃଖକୁ ତା ଭୟ ନାହିଁ କହୁଅଛୁ ତୋତେ । ଭିକ୍ଷା ମାଗି ଧନ ନେଲେ ନ ଛାଡଇ ମୋତେ ॥ ପୁତ୍ର ଦାର କୁଟୁମ୍ବ ହୋଇବେ ଯେବେ ନାଶ । ତଲେହେଁ ମନକୁ ତାର ନ ଲାଗଇ ତ୍ରାସ ॥ ମାୟା ମୋହ ଗୋଷ୍ଠୀରେ ତା ମନ ନୋହେ ଭ୍ରମ । ଏକା ତାର ସକଳ ସମ୍ପଦ କୃଷ୍ଣନାମ ॥ ଚିତ୍ତ ଦୃଢ଼ କରି ଏକା ନାମ କଲେ ଜପ । ସେ ପ୍ରାଣୀ ଦେହରେ ଆଉ କିଛି ନାହିଁ ପାପ ॥ କୋଟି ଯଜ୍ଞ କରି ଦାନ ଦେଲେ ଶୁଦ୍ଧଚିତ୍ତେ । କୋଟିଏ ଜନ୍ମରଯାଏ ଶିଖେ ବେଦ ନିତ୍ୟେ ॥ କୋଟି ବ୍ରତ କୋଟି ଗ୍ରନ୍ଥ ପଢ଼େ ଯେତୁ । ନାମ କୀର୍ତ୍ତନକୁ ପାର୍ଥ ସରି ନୋହେ କେତୁ ॥ କୋଟିଏ ମକରମାସେ ବାରାଣସୀ ଯାଉ । କୋଟି କୋଟି କରଣ ଗୟାରେ ପିଣ୍ଡ ଦେଉ ॥ କୋଟିଜ୍ଞାନ କୋଟିଧ୍ୟାନ କୋଟି କୋଟି ମନ୍ତ୍ର । କୋଟିଏ ଉଲଗ୍ନ ହୋଇ କୋଟି ମୌନବ୍ରତ ॥ କୋଟିଏ ଅସନ କୋଟି ଉପାସନା କରୁ । ନାମକୀର୍ତ୍ତନକୁ ପାର୍ଥ କେହି ନୋହେ ସରୁ ॥ ସାଗରେ କୋଟିଏ ବାର ଝାସ ଯେବେ ଦେଇ । ନାମକୀର୍ତ୍ତନକୁ ପାର୍ଥ ସରି ନୋହେ କେହି ॥ କୋଟି ଉଭୟମୁଖୀ କୋଟି ତୁରଙ୍ଗ ପିନା । କୋଟି ମେରୁ ତୁଲ୍ୟ କରି ଦାନ ଦେଲେ ସୁନା ॥ କୋଟି ଜଳକୀର୍ତ୍ତି କୋଟି ଦେଉଳର ଧର୍ମ । ନାମକୀର୍ତ୍ତନକୁ ପାର୍ଥ କେହି ନୋହେ ସମ ॥ ଏ ମୋହର ନାମ ପାର୍ଥ ଅଟଇ ଗହନ । ସରସ୍ୱତୀ ଲେଖିବାକୁ ବାଟେ କଲେ ମନ ॥ ଅଷ୍ଟାଙ୍ଗିର ଯୋଡ଼ଶ ଯେ ତୁରୁ କଲ୍ପ କାଳୀ ।

Digitized by srujanika@gmail.com

ସପତସମୁଦ୍ର ପାଣି ଉତରେଣ ଗୋଳ ॥ ପତ୍ର କର ହସ୍ତରେ ଧଇଲେ ଗଜଜେମା । କଳପ ବୃକ୍ଷକୁ ସେ ଲେଖନ କଲ୍ପ ବାମା ॥ ନବଖଣ୍ଡ ପୃଥ୍ୱୀ ପତ୍ର କଲେକ ଝରନ୍ତି । ନାମର ମହିମା ଲେଖି ନ ପାରଲେ କହୁ ॥ ଏ ମୋହର ନାମେ ଯାର ମନ ଯାଇଁ ପଶେ । ସପତସମୁଦ୍ର ପାଣି ଥୋପା ପ୍ରାୟେ ଦଶେ ॥ ଅପ୍ରମେୟ ଆକାଶ ଦିଶଇ ଅକଳନ । ସୋଲଖଣ୍ଡି ପ୍ରାୟେ ତାକୁ ଦିଶଇ ଅର୍ଜୁନ ॥ ସୂର୍ଯ୍ୟକୁ ମଣଇ ସେ ଯେ ତପ୍ତଅଗ୍ନି ପ୍ରାୟେ । କାମଦେବ ଦିଶଇ ମର୍କଟ ଗୋସାକ ଏ ॥ ଦରଦ୍ର ପ୍ରାୟେକ ତାକୁ ଦିଶଇ କୁବେର । ରଙ୍କ ପ୍ରାୟେ ଦିଶଇ ସ୍ୱର୍ଗର ସୁନାସୀର ॥ ନାହିକାପବନ ହୋଇ ବାଜବ ଯେମନ୍ତ । ଅଣଶ୍ୱାସ ପବନ ଯେ ବହଇ ତେମନ୍ତ ॥ ଜଳପଗଙ୍କୁ ବୋଲେ ଗବଗଛ ଏ ସେ । ସପତସମୁଦ୍ର ପାଣି ଥୋପା ପ୍ରାୟେ ଦଶେ ॥ ମେରୁକୁ ମଣଇ ସେ ଯେ ପାଳଧୂଅ ଫଳ । ଆଉ କେଉଁ ପଦାର୍ଥ ଯେ ଏମାନଙ୍କ ତୁଲ୍ୟ ॥ ମଞ୍ଚପୁର ଲୋକକୁ ସେ ନ ମଣଇ ଜନା । ଗଜକୁ ମଣଇ ସେ ସେ ମଶାବତ ସିନା ॥ ବେଦପଣ୍ଡ ବୃହସ୍ପତି ମୃଗ ପ୍ରାୟେ ଦିଶେ । ଜିହ୍ୱା ବୋଲି ତାହାର ସେ ମନରେ ନ ପଶେ ॥ ବରୁଣରାଜାକୁ ସେ ବୋଲଇ ଜଳପୋକ । ଆଉ ନାନ୍ଦ ଦୃଷ୍ଟିରେ ଦିଶଇ ଆନ ଲୋକ ॥ ମୋର ନାମବ୍ରହ୍ମରେ ପାରଇ ଯେହ୍ନ ପଶି । ଏତେ ଏତେ ପଦାର୍ଥ ତାହାକୁ ତୁଚ୍ଛ ଦିଶି ॥ ଏ କଥା ନ ବୁଝି ହାଦେ ତୀର୍ଥ ବୁଲୁଯାନ୍ତି । ମାୟା ମୋହେ ପଡ଼ି ପ୍ରାଣୀ ଭୁଲି ମରୁଥାନ୍ତି ॥ ଏ ନାମ ଜାଣିଲେ ଗଙ୍ଗାଜଳେ ଉତପନ୍ନ । ସେ ଜଳକୁ ଯେହ୍ନ ହାଦେ ନ ଦଅନ୍ତି ମନ ॥ ଉତ୍ତମ ପବିତ୍ର ଜଳ ତାହା ଦ୍ୟନ୍ତି ଛାଡ଼ି । ବାଡ଼ିଆଡେ କୂପ ଖୋଳ ମରୁଥାନ୍ତି ବୁଡ଼ି ॥ ତୁ ବୋଇଲୁ ତୁମ୍ଭଙ୍କୁ କେମନ୍ତେ ଭେଟ ପାଇ । ସେ କଥା ଅର୍ଜୁନ ତୋତେ ଦେଉଥିବା କହି ॥ ନାମ ଯେ ଛାଡ଼ିଲେ ଲୋକ ପାଇ ମୋତେ ଭେଟ । ଅଭାବେ ଦୂର୍ଦ୍ଧ୍ୟେ ଆମ୍ଭେ ଭାବକୁ ନିକଟ ॥ ନାମରତ୍ନଗୀତା ଏ ଯେ ଗୀତା ମଧ୍ୟେ ସାର । ଦୀନ କୃଷ୍ଣ ଦାସ ଏହା ଭାବେ ନିରନ୍ତର ।

Digitized by srujanika@gmail.com

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଭକ୍ତି
ବିଷୟେ କଥନେ ନାମ ଏକଷଷ୍ଠିତମୋଽଧ୍ୟାୟଃ ॥

---

## ଦ୍ୱିଷଷ୍ଟିତମ ଅଧ୍ୟାୟ ।

### ଅର୍ଜୁନ ଉବାଚ ।

ଅର୍ଜୁନ ବୋଇଲେ ତୁମ୍ଭେ ଶୁଣମୋ ଗୋସାଇଁ । ଏତେଦିନେ ନିସ୍ତାର ପାଇଲି ପ୍ରଭୁ ମୁହିଁ ॥ ନାମର ମହିମା ଶୁଣି ପାଇଲି ଭରସା । ଆଜଠାରୁ ମୋହର ଯେ ଗଲା କଷ୍ଟଦଶା ॥ ତୁମ୍ଭ ନାମସ୍ତୋତ୍ର ଏବା ହୃଦୟପଦ୍ମେ ଧରି । କଣ୍ଠତଟେ ଜପୁଥିବି ରତ୍ନମାଳା କରି । ପାଦପଦ୍ମ ବିନୁ ମୋର ନାହିଁ ଅନ୍ୟ ଆଶା । ଶ୍ରୀମୁଖ ବଚନ ଶୁଣି ପାଇଲି ଭରସା ॥ ଶ୍ରୀହରି ବୋଇଲେ ଶୁଣ ଯୁଧିଷ୍ଠିର ଭାଇ । ଏହି ଶାସ୍ତ୍ର ଶୁଣିଲେ ଯେ ଜ୍ଞାନବନ୍ତ ହୋଇ ॥ ଅମୃତ ଭୋଜନଠାରେ ଅତି ଦ୍ରବ୍ୟ ମିଠା । ଅସନ୍ତୁଷ୍ଟେ ସନ୍ତୁଷ୍ଟ ହୁଏ ଶୁଣିଲେ ଏ ଗୀତା ॥ ଶ୍ରୀମୁଖ ବଚନ ଏ ପବିତ୍ର ପୁଣ୍ୟ ବାର୍ତ୍ତା । ଭକତଙ୍କ ସଙ୍ଗାତ ବୈକୁଣ୍ଠପୁର ନାଥ ॥ ଅବୋଧବାମାନଙ୍କୁ ବୋଧ ଶୁଣ ପାଣ୍ଡୁବଂଶି । ସବୁଶାସ୍ତ୍ରମାନଙ୍କର ବୀଜ ଏଥେଁ ଅଛି ॥ ନାମରତ୍ନଗୀତାକୁ ମୋ ଯେ ପାଠବ ଯେନ । ଅପୂର୍ବିକ ସୂତ୍ର ସେ ଦୈଅନ୍ତି ଚକ୍ରପାଣି । ଚିତ୍ତ ଦୃଢ଼ କରି ଏ ଶାସ୍ତ୍ରରେ ଦେଇ ଲୟ । ଜନ୍ମସିଦ୍ଧ ଶୁଣି ତାକୁ କରୁଥାଏ ଭୟ ॥ ନିତିଦିନ ଏ ଶାସ୍ତ୍ର ଯେ ପାଠ କରନ୍ତି ପଢ଼ି । ନାନା ରୋଗ ବ୍ୟାଧି ତା ଶରୀରୁ ଯିବ ଛାଡ଼ି । ସବୁ ଶାସ୍ତ୍ର ବୀଜ ଏଥେଁ ହୋଇଅଛି ଯୋଡ଼ା । ଗ୍ରହମାନେ ଶାନ୍ତ ହୋଇ ନ କରନ୍ତି ପୀଡ଼ା ॥ ଏ ଗୀତାର ଫଳଶ୍ରୁତି ଅଛି ପାର୍ଥ ଯେତେ । ଅଦ୍ୱୈତ କାରଣ କହିବା ପୁଣି କେତେ ॥ ଦେବତାଙ୍କୁ ଦୁର୍ଲ୍ଲଭ ମନୁଷ୍ୟେ ଅଗୋଚର । ଭକ୍ତଜନ ସଙ୍ଗାତି ମୁକତି ପଥ ଘର ॥ ଏ ଶାସ୍ତ୍ରକୁ ହୃଦପଦ୍ମେ ଯେ କରିବ ଲୟ । ଶେଷର ଶଙ୍ଖ ଚକ୍ରକୁ ନ ଥିବ ତାର ଭୟ ॥ ଗୋଷ୍ଠିରେ ପ୍ରଶଂସା ପାଇ ସାଧୁଙ୍କ ଚରଣେ ।

Digitized by srujanika@gmail.com

ସ୍ୱର୍ଗାନ୍ତ ଦେଖଇ ତାଙ୍କୁ ଅମୃତ ନୟନେ ॥ ଦୁଃଖୀ ହୋଇ ମନରେ ଯେ ଶୁଣିବ ଏ ପାଠ । ଧନବନ୍ତ ହୋଇବ ଫିଟିବ ତାର କଷ୍ଟ ॥ ଯେବଣ ଶାସ୍ତ୍ର ଗୋଟାକୁ ନାମରତ୍ନ ବୋଲି । ଅପୁତ୍ରିବ ପୁତ୍ରଦାନ ଦ୍ୟନ୍ତି ବନମାଳୀ ॥ ରାଜଦ୍ୱାରେ ଶୁଣାଣରେ ଯେ କରିବ ଲୟ । ଏ ଶାସ୍ତ୍ର ପଢ଼ି ସଫଳ ହେବ ତାର କାର୍ଯ୍ୟ ॥ ସାଧୁଜନ ପ୍ରାଣୀମାନେ ହୋଇବେ ମୁକତ । ଧ୍ରୁବପଦ ବଚନ ଏ ବ୍ରହ୍ମଜ୍ଞାନ ତତ୍ତ୍ୱ ॥ ନାମରତ୍ନ ମହିମା ପରମ ହିତ ଗୁଣ । ବେଦ ଶାସ୍ତ୍ର ଆଦି କରି ସକଳ ପୁରାଣ ॥ ଅମୃତଠୁଁ ଅଧିକ ଯେ ସାଧୁରସବାଣୀ । ସଂସାର ଜନଙ୍କ ହିତେ କୃଷ୍ଣଦାସ ଭଣି ॥

ଇତି ଶ୍ରୀନାମରତ୍ନଗୀତାଯାଂ ଶ୍ରୀହରିଅର୍ଜୁନସମ୍ବାଦେ
ନାମରତ୍ନ ମହିମା କଥନେ ନାମ
ଦ୍ୱିଷଷ୍ଟିତମୋଽଧ୍ୟାୟଃ ।

ସମ୍ପୂର୍ଣ୍ଣ ।

Printed by H. K. Das, Chandrodaya Press, Cuttack.

Digitized by srujanika@gmail.com

Digitized by srujanika@gmail.com

ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ [illegible] ବିକ୍ରୀ ହେଉଅଛି । [illegible]

ଏହ ପୁସ୍ତକରେ ଦେଖିବେ ।

୫୦୪୨

| | | |
|---|---|---|
| ରସକଲ୍ଲୋଳ | [illegible] | ଚୌତିଶାଭୋଗ |
| ଗୁଣ୍ଡିଚାବିଜେ | ଟ ୦ / | ବେଦାନ୍ତସାର |
| ଭଜନଗୀତା | ଟ ୦ ୵ | ନାମରତ୍ନଗୀତା ୧ମ |
| ଶୁଣ୍ୟସଂହିତା | ଟ ୦ ୵ | ମନବୋଧଚଉତିଶା |
| ଜଳକ୍ରୀଡ଼ା | ଟ ୦ / ୬ | ଗୁପ୍ତଭାଗବତ |
| ଲକ୍ଷ୍ମୀପୁରାଣ | ଟ ୦ ୵ | ଖଣ୍ଡ ଦେବୀଙ୍କ ଷଷ୍ଠୀଓଷା କଥା |
| ଧର୍ମଗୀତା | ଟ ୦ / | ଷଷ୍ଠୀଓଷା କଥା |
| ସୁଭଦ୍ରାପରିଣୟ ସୁଆଙ୍ଗ | ଟ ୦ ୵ | ଓଳିଆର ବୋଲି |
| ଭଗବତ ଭଜନ ୧ମ | ଟ ୦ / | ଅଶ୍ୱମେଧପର୍ବ |
| [illegible] | ଟ ୦ / | ଅଙ୍ଗଦପଦ |
| ବୈଷ୍ଣବଭଜନ | ଟ ୦ / ୬ | ଅରକ୍ଷିତଦାସ ଚଉପଦୀ |
| ଦୀନକୃଷ୍ଣଭଜନ | ଟ ୦ / ୬ | ଭଗବତ ଟୀକା |
| ବନମାଳୀଭଜନ | ଟ ୦ / ୬ | କୋଇଲିମାଳିକା |
| ଭକ୍ତଚରଣଭଜନ | ଟ ୦ / ୬ | ଗଜନିସ୍ତାରଣ |
| ଗୁପ୍ତଗୀତା | ଟ ୦ ୵ | ଗୋପୀଭାଷା |
| ରାଧାକୃଷ୍ଣମିଳନ | ଟ ୦ / | ହୀରାକୁମାରୀ |
| ବନ୍ଦୀ ଅର୍ଜୁନ କଳି | ଟ ୦ / | ଚିନ୍ତାମଣି |
| ଅଭୟାମ୍ବରଗୀତା ୧ମ | ଟ ୦ ୵ | ଧ୍ରୁବଚରିତ ସୁଆଙ୍ଗ |
| ପଦ୍ମକୋଶ ୧ମ | ଟ ୦ | ଲକ୍ଷ୍ମଣ ଓ ମେଘନାଦ |
| ଲଳିତାଗୀତାପୁରାଣ | ଟ ୦ ୵ | ଅଲଙ୍କାରବୋଧ |
| ବୈଦେହୀଶବିଳାସ ଟୀକା | ଟ ୮୫ | ଚାଣକ୍ୟନୀତି ବର୍ଣ୍ଣପୂର୍ବ |
| ଶ୍ରୀମଦ୍ଭାଗବତ [illegible] ସୁଆଙ୍ଗ | ଟ ୦ ୵ | ରୁକ୍ମିଣୀ ବିଭାଦ |

ଭାରତ ପ୍ରେସ [illegible] ଙ୍କ ଦ୍ୱାରା [illegible] । [illegible]

[illegible] ପ୍ରକାଶିତ ।

Digitized by srujanika@gmail.com